ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
पर्यवेक्षक

Vol.26 . No.07 Bhubaneswar Thursday February 09 2023 | ୨୬ତମ ବର୍ଷ ସଂଖ୍ୟା-୦୭ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୦୯, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ହସୁଛନ୍ତି ଗୋପାଳ ଦାସ



ଝାରସୁଗୁଡ଼ା,୮।୨(ପି.ଏନ): ହସୁଛନ୍ତି ଅଭିଯୁକ୍ତ ଗୋପାଳ ଦାସ। ମନରେ ପଶ୍ଚାତାପ ଥିଲା ପରି ଲାଗୁନାହିଁ। ରାଜ୍ୟର ଜଣେ କ୍ୟାବିନେଟ୍ ? ମନ୍ତ୍ରୀଙ୍କୁ ହତ୍ୟା କରି ସେ ବିବ୍ରତ ବା ଚ଼ିନ୍ତିତ ଥିଲା ପରି ଆଦୌ ଲାଗୁ ନାହାନ୍ତି। ବିମାନ ବନ୍ଦରରେ ବସିଥିବା ବେଳେ ତାଙ୍କର ଅଚ଼ିନ୍ତା ହସକୁ ନେଇ ଏପରି କଳ୍ପନା ଜଳ୍ପନା ଲାଗି ରହିଛି ।ତେବେ ଘଟଣାଟି ଏମିତି। ଅଭିଯୁକ୍ତ ଗୋପାଳ ଦାସଙ୍କର ନାର୍କ ? ଟେଷ୍ଟ ହେବ। ସେଥିପାଇଁ ତାଙ୍କୁ କ୍ରାଇମବ୍ରାଞ୍ଚ ଗୁଜରାଟର ଗାନ୍ଧି ନଗର ନେଉଛି। ତେଣୁ ତାଙ୍କୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ନେଇଥିଲା କ୍ରାଇମବ୍ରାଞ୍ଚ। ସେ ବିମାନ ବନ୍ଦରର ଲବି ବସିଥିଲେ। ଠିକ୍ ? ସେତିକି ବେଳେ ସେଠାରେ ଥିବା ଟେବୁଲ ଉପରେ ଗୋଟିଏ ଖବର କାଗଜ ଉପରେ ତାଙ୍କର ଆଖି ପଡିଲା। ଆଉ ସେଥିରେ ବାହାରିଥିବା ନିଜ ସମ୍ପର୍କିତ ଖବର ପ ? ହସି ପକାଇ ଥିଲେ ଗୋପାଳ ଦାସ। ଯାହା କ୍ୟାମେରାରେ କଏଦ ହୋଇଛି। ଏହାକୁ ନେଇ ନାନା କଳ୍ପନା ଜଳ୍ପନା ରହି ରହିଛି।

## ଆରବିଆଇ ରେପୋ ରେଟରେ ୦.୨୫ ପ୍ରତିଶତ ବୃଦ୍ଧି ଘୋଷଣା କଲା

ନୂଆଦିଲ୍ଲୀ/ ମୁମ୍ବାଇ, ୮।୨(ପି.ଏନ): ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ରେପୋ ରେଟପେ ୦.୨୫ ପ୍ରତିଶତ ବୃଦ୍ଧି ଘୋଷଣା କରିଛି । ଏହି ବୃଦ୍ଧି ସହ ରେପୋ ରେଟ ବଢ଼ି ୬.୫୦ ପ୍ରତିଶତ ହୋଇଯାଇଛି । ରିଜର୍ଭ ବ୍ୟାଙ୍କ ଦ୍ୱାରା ବୃଦ୍ଧି କାରଣରୁ ହୋମ ଲୋନ ଗୁଡିକରେ ଇଏମଆଇ ବୃଦ୍ଧି ପାଇବ ।ଆରବିଆଇର ଗଭର୍ଣର ଶକ୍ତିକାନ୍ତ ଦାସ ବୁଧବାର ଦିନ ମୌଦ୍ରିକ ନୀତି ସମିତି (ଏମପିସି)ର ତିନି ଦିନ ଧରି ଚାଲିଥିବା ସମୀକ୍ଷା ବୈଠକ ପରେ ରେପୋ ରେଟରେ ୦.୨୫ ପ୍ରତିଶତ ବୃଦ୍ଧି ନେଇ ଘୋଷଣା କରିଥିଲେ । ସେ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଏମପିସିର ଛଅ ଜଣ ସଦସ୍ୟ ମାନଙ୍କ ମଧ୍ୟରୁ ଚାରି ଜଣ ରେପୋ ରେଟ ବଢାଇବା ପକ୍ଷରେ ସହମତି ପ୍ରଦାନ କରିଛନ୍ତି ।ସେ କହିଛନ୍ତି ଯେ ଜାନୁଆରୀ –ମାର୍ଚ୍ଚ ୨୦୨୩ରେ ଉପଭୋକ୍ତା ମୂଲ୍ୟ ସୂଚକାଂକ (ସିପିଆଇ) ଆଧାରିତ ମୁଦ୍ରାସ୍ଫିତି ହାର ୫.୬ ପ୍ରତିଶତ ରହିବାର ଅନୁମାନ ରହିଛି । ଗତ ବର୍ଷ ଏହି ସମୟରେ ଏହାର ହାର ୫.୯ ପ୍ରତିଶତ ରହିଥିଲା। ।ଆରବିଆଇ ଗଭର୍ଣର ୨୦୨୩-୨୪ ଆର୍ଥିକ ବର୍ଷରେ ଜିଡିପି ୬.୪ ପ୍ରତିଶତ ରହିବ ବୋଲି ଅନୁମାନ କରିଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲାରେ ସାର କଳାବଜାରୀକୁ ଦୃଢ଼ହସ୍ତରେ ଦମନ କରାଯିବ : ଜିଲ୍ଲାପାଳ

ସୁବର୍ଣ୍ଣପୁର,୮।୨(ପି.ଏନ): ଜିଲ୍ଲାର ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଅଭିଯୋଗକ୍ରମେ ସୁବର୍ଣ୍ଣପୁର ଜିଲ୍ଲାରେ ସମସ୍ତ ରାସାୟନିକ ସାର ଓ କୀଟନାଶକର ସହଜ ଓ ବ୍ୟବସ୍ଥିତ ଉପଲବ୍ଧତା ଏବଂ ବିଶେଷ କରି ଜିଲ୍ଲାରେ ୟୁରିଆର କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ ଦୃଢ଼ ପଦକ୍ଷେପ ନେଇଛନ୍ତି। ସୁବର୍ଣ୍ଣପୁର ଏକ କୃଷିପ୍ରଧାନ ଜିଲ୍ଲା ହୋଇଥିବାରୁ ଏଠାକାର ହଜାର ହଜାର କୃଷକ ରବି ଋତୁରେ ଧାନ ଚାଷ କରୁଛନ୍ତି ଓ କିନ୍ତୁ ବିଗତ ବର୍ଷମାନଙ୍କରେ ଦେଖାଯାଇଛି ଯେ ଠିକ୍ ଦରକାର ବେଳେ ଅସାଧୁ ବ୍ୟବସାୟୀମାନେ ରାସାୟନିକ ସାର ଗଚ୍ଛିତ କରି ଅହେତୁକ ଭାବରେ ଏହାର ମୂଲ୍ୟ ବୃଦ୍ଧି କରୁଛନ୍ତି। ଏହାର ସିଧାସଳଖ ପ୍ରଭାବ ଗରିବ କୃଷକ ମାନଙ୍କ ଉପରେ ପଡୁଛି ଓ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱ ସହକାରେ ନେଇଛନ୍ତି ଓ ଉଭୟ ସୋନପୁର ଓ ବୀରମହାରାଜପୁର ଉପଖଣ୍ଡ ରେ ଉପଜିଲ୍ଲାପାଳମାନଙ୍କ ନେତୃତ୍ୱରେ ଦୁଇଟି ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଚଢାଉ ଦଳରେ ବିଭିନ୍ନ ବ୍ଲକର ବରିଷ୍ଠ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ ଇତ୍ୟାଦି ରହିବେ ଓ ଏହି ଏନଫୋର୍ସମେଂଟ ଟିମ୍ ଜିଲ୍ଲାର ସମସ୍ତ ସାର ଡିପୋ, ସରକାରୀ ତଥା ବେସରକାରୀ ସାର ଓ କୀଟନାଶକ ବିକ୍ରି କେନ୍ଦ୍ର ଉପରେ ୨୪ଘ ୭ ଘଂଟିଆ ନଜର ରଖିବ ଓ କୌଣସି ବି ଜାଗାରେ ସାର କଳାବଜାରୀ ଓ ନକଲି କୀଟନାଶକ ବିକ୍ରିର ଖବର ପାଇଲା ମାତ୍ରେ ସେଠାରେ ଚଢ଼ାଉ କରି ଆଇନ ଅନୁଯାୟୀ ଦୃଢ଼ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅଂଚଳରେ କୃଷକମାନେ ସାର କ୍ରୟ ସମ୍ବନ୍ଧୀୟ ଅସୁବିଧାର ସମ୍ମୁଖୀନ ହେଲେ ଅତିଶୀଘ୍ର ଅଂଚଳର କୃଷି ଅଧିକାରୀ କିମ୍ବା ନିକଟସ୍ଥ ଥାନା ରେ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ବ୍ରାଉନସୁଗାର ଜବତ, ୪ଗିରଫ

ଖୋର୍ଦ୍ଧା, ୮।୨(ପି.ଏନ): ଟାଉନ ଥାନା ପୋଲିସ ୫୬ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ଚାରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅଂଚଳର ସୁଷମା ମଲ୍ଲିକ(୩୬), ଶିବ ମଲ୍ଲିକ(୪୨), ଜୟପ୍ରକାଶ ମଲ୍ଲିକ(୨୧) ଓ ରଣପୁର ଥାନା ଅଂଚଳର ପ୍ରତାପ କୁମାର ମହାପାତ୍ର(୩୩)। ଏ ନେଇ ଆଜି ଖୋର୍ଦ୍ଧା ଏସପି ସିଦ୍ଧାର୍ଥ କଟାରିଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସୂଚନା ମୁତାବକ ଗତକାଲି ଏକ ଯାତ୍ରୀବାହି ଅଟୋରେ ବ୍ରାଉନ ସୁଗାର ଚାଲାଣ ହେଉଥିବା ନେଇ ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଏସଡ଼ିପିଓ ଦିଲ୍ଲୀପ ଦାସ ଓ ଟାଉନ ଥାନା ଆଇଆଇସି ତାରିକ ଅହମଦଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା ।ତେବେ ତୋଟାପଡ଼ା ଛକ ନିକଟରୁ ଉକ୍ତ ଅଟୋକୁ ପୋଲିସ ଜବତ କରିଥିଲା। ଅଟୋ ମଧ୍ୟରୁ ୫୬୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ।ତେବେ ଜବତ ବ୍ରାଉନସୁଗାରର ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ଜଣାପଡିଛି ।ଏନେଇ ଟାଉନ ଥାନା ପୋଲିସ ଏନଡ଼ିପିଏସ ଆଇନ ଧାରା ୨୧(ଗ)/୨୯ ଅନୁଯାୟୀ କେସ ନମ୍ବର ୮୬/୨୩ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୮।୨(ପି.ଏନ): ଆଗାମୀ ଫେବୃଆରୀ ୧୦ ତାରିଖ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଥିବାରୁ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ନେଇ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୨୦୦ରୁ ଅଧିକ ଅଫିସର ନିୟୋଜିତ ହେବେ । ବ୍ଲୁ ବୁକ୍ ଆଧାରରେ ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦିଆଯିବ। ସେହିପରି -ସାଦା ପୋଷାକଧାରୀ ପୋଲିସ ସହ ରୁଫ୍‌ଟପ୍ ସୁରକ୍ଷାକର୍ମୀ ମୁତୟନ ହେବେ ବୋଲି ସୂଚନା ମିଛି । ଅନ୍ୟ ପକ୍ଷରେ କମିଶନରେଟ୍ ପୋଲିସ ଗୁରୁବାର ଦିନ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କାରକେଡ୍ ରିହର୍ସାଲ୍ କରିବ । ଉଲ୍ଲେଖନୀୟ ଯେ ଫେବ୍ରୁଆରି ୧୦ ତାରିଖ ଶୁକ୍ରବାର ସକାଳ ୯ଟା ବେଳେ ରାଷ୍ଟ୍ରପତି ଭବନରୁ ବାହାରି ପାଲାମ ବିମାନ ବନ୍ଦରରୁ ଭାରତୀୟ ବାୟୁସେନା ବିମାନ ଯୋଗେ ଆସି ରାଷ୍ଟ୍ରପତି ପୂର୍ବାହ୍ନ ୧୧.୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବେ।

## ନବ ଦାସଙ୍କ ଶ୍ରଦ୍ଧାଂଜଳି ସଭାରେ ଯୋଗ ଦେବାକୁ ଝାରସୁଗୁଡା ଯିବେ ମୁଖ୍ୟମନ୍ତ୍ରୀ ନବୀନ

ଭୁବନେଶ୍ୱର, ୮।୨(ପି.ଏନ): ଗୁରୁବାର ଦିନ ନବ ଦାସ ଙ୍କ ଏକାଦଶାହ ଓ ଶ୍ରଦ୍ଧାଂଜଳି ସଭାରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଗସ୍ତରେ ଯିବେ । ତାଙ୍କର ଝାରସୁଗୁଡା ଗସ୍ତକୁ ଆଖି ଆଗରେ ରଖି ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି । ମଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରାୟ ୨୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ମିଳିଛି । ସେହିପରି ଆସନ୍ତା କାଲି ପାଇଁ ଝାରସୁଗୁଡା ପୋଲିସ ଟ୍ରାଫିକ ଆଡ଼ଭାଜରି ଜାରି କରିଛି ।

## ନବୀନଙ୍କ ପରେ କିଏ ମୁଖ୍ୟମନ୍ତ୍ରୀ ହେବ, ସେହି ବିବାଦ ହିଁ ହତ୍ୟାର କାରଣ : ପ୍ରଦୀପ ପୁରୋହିତ

ଭୁବନେଶ୍ୱର, ୮।୨(ପି.ଏନ): ବିଜେପିର ବରିଷ୍ଠ ନେତା ତଥା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ନବ ଦାସ ହତ୍ୟା ନେଇ ବିସ୍ଫୋରକ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ହେବା ଆଶା ନବଙ୍କ ପାଇଁ କାଳ ହେଲା। ନବୀନଙ୍କ ପରେ କିଏ ମୁଖ୍ୟମନ୍ତ୍ରୀ ହେବ, ସେହି ବିବାଦ ହିଁ ହତ୍ୟାର କାରଣ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ସେ ତ କ୍ୟାବିନେଟ ମନ୍ତ୍ରୀ ଥିଲେ, ପୁଣି ଶନିଙ୍କ ପାଖକୁ କାହିଁକି ଯାଇଥିଲେ । ଶୁଣାଯାଉଛି ମୁଖ୍ୟମନ୍ତ୍ରୀ ଆଶାରେ ସେ ଶନିଙ୍କ ପାଖକୁ ଯାଇଥିଲେ । ସେ ଆହୁରି କହିଛନ୍ତି ଯେ ଯିଏ ବିଜେଡିର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖୁଛି, ସେ ହିଁ ହତ୍ୟାକାର । ଏହା ରାଜନୈତିକ ହତ୍ୟା ଓ ସରକାର ଜାଣିଶୁଣି ହତ୍ୟାକାରୀକୁ ସୁରକ୍ଷା ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେଥିପାଇଁ ବିଜେପି ସିବିଆଇ ତଦନ୍ତ ଦାବି କରୁଛି ବୋଲି ସେ କହିଛନ୍ତି ।

## ନବ ଦାସ ହତ୍ୟା ମାମଲା : ପୁଣି ୫ଦିନିଆ ରିମାଣ୍ଡରେ ଯିବା ସହ ଗୋପାଳର ହେବ ନାର୍କୋ ଟେଷ୍ଟ

ଝାରସୁଗୁଡା ଭୁବନେଶ୍ୱର, ୦୮।୨(ପି.ଏନ): ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପୁଲିସ ଏଏସଆଇ ଗୋପାଳ ଦାସ ପୁଣି ୫ ଦିନିଆ ରିମାଣ୍ଡରେ ନେବ କ୍ରାଇମ ବ୍ରାଂଚ । ଜେଏଫଏମସି କୋର୍ଟ ତୃତୀୟ ଦଫାରେ ଗୋପାଳକୁ ୫ଦିନିଆ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି । ସେହିପରି ଗୋପାଳର ନାର୍କୋ ଟେଷ୍ଟ ଓ ପଲିଗ୍ରାଫ ଟେଷ୍ଟ ପାଇଁ ମଧ ଅନୁମତି ମିଳିଛି । ଉଭୟ ଟେଷ୍ଟ ପାଇଁ ଗୋପାଳ ସହମତ ଥିବା କୋର୍ଟରେ କହିବା ପରେ ଏନେଇ ଅନୁମତି ମିଳିଛି ।ଉଲ୍ଲେଖନୀୟ ଯେ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ଗୋପାଳଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଆଜି ଶେଷ ହେବାପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଗୋପାଳକୁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଂଚ ଆବେଦନ କରିଥିବାବେଳେ ଅନୁମତି ଦେଇଛନ୍ତି ।

## ଖାଲି ଉଦ୍‌ଘାଟନ, ସ୍ୱପ୍ନରେ ଚ଼ାଲିଛି ଲିଭର ଟ୍ରାନସପ୍ଲାଣ୍ଟ

ଭୁବନେଶ୍ୱର,୮।୨(ପି.ଏନ): ଓଲିଉଡ ଅଭିନେତା ପିଣ୍ଟୁ ନନ୍ଦ ଙ୍କର ଲିଭର ଟ୍ରାନସପ୍ଲାଣ୍ଟ ଏବେ ଖବରର ଶିରୋନାମା ପାଲଟିଛି। ଓଡିଶାରେ ଯକୃତ ପ୍ରତିରୋପଣ ପାଇଁ ବ୍ୟବସ୍ଥା ନଥିବାରୁ ବାଧ ହୋଇ ତାଙ୍କୁ ମଙ୍ଗଳବାର ଦିଲ୍ଲୀ ନବାକୁ ପଡିଛି। ଦଶ ବର୍ଷ ତଳେ ଓଡିଶା ସରକାର କଟକ ଏସସିବି କଲେଜରେ ଲିଭର ଟ୍ରାନସପ୍ଲାଣ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ୨୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଦିବଂଗତ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ମଧ ପ୍ରଥମେ ୨୦୨୧ ଓ ୨୦୨୨ରେ ଆଉଥରେ ଏହାର ଉଦଘାଟନ କରିଥିଲେ। ହେଲେ ବର୍ତମାନ ସୁଦ୍ଧା ଏସସିବିରେ ୨୭୦ ଯକୃତ ରୋଗୀ ଅପରେସନ ପାଇଁ ପଂଜୀକରଣ କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିଲା ନାହିଁ। ପିଣ୍ଟୁଙ୍କ ଚ଼ିକିତ୍ସା ପାଇଁ ସହଯୋଗ କରୁଥିବା ଅଭିନେତା ଶ୍ରୀତମ ଦାସ କହିଛନ୍ତି- ଦିଲ୍ଲୀ, ବମ୍ବେ ଓ ଚେନ୍ନାଇରେ ହାର୍ଟ, କିଡନୀ, ଲିଭର ଟ୍ରାନ୍ସପ୍ଲାଣ୍ଟ କରୁଥିବା




ସବୁ ବିଶିଷ୍ଟ ଡାକ୍ତର ହେଉଛନ୍ତି ଓଡିଆ, ହେଲେ ସେମାନେ ଏଠାରେ କାହିଁକି ସେହି କାମ କରିପାରୁନାହାନ୍ତି ?କଟକ ବାରଙ୍ଗ ଅଞ୍ଚଳର କବିରାଜ ରାଉତ। ଦୀର୍ଘ ଏକ ବର୍ଷ ହେଲା ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ଏସସିବି ଆସୁଛନ୍ତି। ଧୀରେ ଧୀରେ ତାଙ୍କର ଅଧାରୁ ଅଧିକ ଲିଭର ଖରାପ ଅବସ୍ଥାକୁ ଆସିଲାଣି। ଲିଭର ପ୍ରତିରୋପଣ ପାଇଁ ଡାକ୍ତର କହିଦେଇଛନ୍ତି। ହେଲେ ଉପାୟଶୂନ୍ୟ କବିରାଜ ଅର୍ଥାଭାବରୁ ଚ଼ିକିତ୍ସା କରାଇ ପାରୁନାହାନ୍ତି। କାରଣ ଲିଭର ଟ୍ରାନସପ୍ଲାଣ୍ଟ ପାଇଁ ବମ୍ବେ ଯିବାକୁ ହେବ, ଆଉ ସେଥିପାଇଁ ଦରକାର ୪୦ ଲକ୍ଷ ଟଙ୍କା। ସେଥିପାଇଁ କଟକ ଏସସିବି ମେଡିକାଲ କୁ ଆସି କେବଳ ମେଡିସିନ ଖାଇ ବଞ୍ôଛିଛନ୍ତି। କାରଣ ଏସସିବି ମେଡିକାଲରେ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନି ଲିଭର ଟ୍ରାନସପ୍ଲାଣ୍ଟ ବ୍ୟବସ୍ଥା। କେବଳ କବିରାଜ ନୁହନ୍ତି ଏହିଭଳି ଅନେକ ରୋଗୀ ଏବେ ଭାଗ୍ୟକୁ ଆଦରି ରହିଛନ୍ତି। ଓଡ଼ିଶାରେ ଏହି ବ୍ୟବସ୍ଥା ନଥିବାରୁ ବାଧ ହୋଇ ଗରିବ ରୋଗୀ ଦିଲ୍ଲୀ ଓ ବମ୍ବେ ଯାଇ ୩୦ରୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିଭର ଟ୍ରାନସପ୍ଲାଣ୍ଟ କରିପାରୁନାହାନ୍ତି।

## ପଞ୍ଚାୟତ ସମିତି ବୈଠକରେ ଭାଙ୍ଗିଲା ଶଙ୍ଖା, ଉଡିଲା କାଗଜପତ୍ର

ଭଦ୍ରକ,୮।୨(ପି.ଏନ): ପଞ୍ଚାୟତ ସମିତି ବୈଠକରେ ଠେଲାପେଲା। ଉଡିଲା କାଗଜପତ୍ର, ଭାଙ୍ଗିଲା ଶଙ୍ଖା। ବିଧାୟକ, ବିଡିଓ ଓ ବ୍ଲକ ଅଧକ୍ଷାଙ୍କ ଉପସ୍ଥିତିରେ ଦୀର୍ଘ ସମୟ ଧରି ହୋଇଥିଲା ହୋ-ହଲ୍ଲା ଓ ଠେଲାପେଲା। ଆଜି ଏପରି ଚ଼ିତ୍ର ଆସିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରୁ ।ଆଜି ଧାମନଗର ବ୍ଲକ୍ ? ଚ଼ତୁର୍ଥ ପଞ୍ଚାୟତ ସମିତି ବୈଠକ ବସିଥିଲା। ଏଥିରେ ବିଡିଓ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ବ୍ଲକ୍ ? ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି



ନେଇ ଆଲୋଚ଼ନା କରିବାକୁ ଗୋଟିଏ ଗୋଷ୍ଠୀ ଚ଼ାହିଁ ଥିଲେ। ମାତ୍ର ତାଙ୍କୁ ବିପକ୍ଷ ଗୋଷ୍ଠୀ ବିରୋଧ କରିଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ଖଣ୍ଡ ଯୁଦ୍ଧ।

## ସ୍ୱାସ୍ଥ୍ୟ ସେବା ପରିଚାଳନା ଏବଂ ରୋଗୀ ସେବା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ)ର ପ୍ରୟୋଗରେ ତାଇୱାନର ଟାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ସହିତ ମିଳିତ ଭାବେ କାର୍ଯ୍ୟ କରିବ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, ୮।୨(ପି.ଏନ): ଜରୁରୀକାଳୀନ କ୍ଷେତ୍ରରେ ତ୍ୱରିତ ଚିକିତ୍ସା ସେବା ଯୋଗାଇବା ନିମନ୍ତେ ରୋଗର ଶୀଘ୍ର ଚିହ୍ନଟ କରିବା ବେଶ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ କର୍କଟ କିମ୍ବା ପକ୍ଷାଘାତ (ପାରାଲିସିସ୍/ବ୍ରେନ୍ ଷ୍ଟ୍ରୋକ୍) ରୋଗୀଙ୍କୁ ଡାକ୍ତରଖାନାର ଜରୁରୀକାଳୀନ ବିଭାଗରେ ଭର୍ତି କରାଯାଏ, ରୋଗୀଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇବା ସବୁବେଳେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅଟେ। ତେଣୁ ରୋଗର ତ୍ୱରିତ ଚିହ୍ନଟ ତଥା ଡାକ୍ତରୀ ତଥ୍ୟ ବିଶ୍ଳେଷଣରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ର ପ୍ରୟୋଗ ସମୟର ବଡ଼ ଆବଶ୍ୟକତା ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର(ଡ) ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ତାଇୱାନର ଟାଙ୍ଗ ଗୁଙ୍ଗ ବିଶ୍ୱବିଦ୍ୟାଳୟର ସୂଚନା ଇଞ୍ଜିନିୟରିଂ ବିଭାଗର ପ୍ରଫେସର ତଥା ଆ । ଟ ଫ ସ ଅ । ଲ ଇଂଟେଲିଜେନ୍ସ(ଏଆଇ)ର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କ ସହିତ ସାକ୍ଷାତ ପରେ ଏପରି ମତ ରଖିଛନ୍ତି ଡ. ବିଶ୍ୱାସ। ରୋଗ ନିରାକରଣ, ଚିକିତ୍ସା ଏବଂ ପରିଚାଳନା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ(ଏଆଇ)ର ବ୍ୟାପକ ବ୍ୟବହାର ନେଇ ଏହି ବିଦେଶୀ ବିଶ୍ୱବିଦ୍ୟାଳୟ ସହିତ ଏମ୍ସ ଭୁବନେଶ୍ୱର ମିଳିତ ଭାବେ କାର୍ଯ୍ୟ କରିବା ନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ। ନିକଟ ଭବିଷ୍ୟତରେ ଏନେଇ ତାଇୱାନର ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ ସହିତ ଗବେଷଣା ଏବଂ ତାଲିମ କାର୍ଯ୍ୟକ୍ରମ କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷର ହେବାର ଯୋଜନା ରହିଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ତାଇୱାନର ଟାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ସାହୁ ଗତକାଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରିବା ସହିତ ଏହି ଜାତୀୟ ସ୍ୱାସ୍ଥ୍ୟପ୍ରତିଷ୍ଠାନର ଅଧ୍ୟାପକ/ଅଧ୍ୟାପିକାଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ପ୍ରୟୋଗ ନେଇ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯେତେବେଳେ କର୍କଟ କିମ୍ବା ମସ୍ତିଷ୍କାଘାତ/ପକ୍ଷାଘାତ ରୋଗୀଙ୍କୁ ଡାକ୍ତରଖାନାର ଜରୁରୀକାଳୀନ ବିଭାଗରେ ଭର୍ତି କରାଯାଏ, ସେତେବେଳେ ବହୁ ପରିମାଣର ଚିତ୍ର ଏବଂ କ୍ଲିନିକାଲ୍ ତଥ୍ୟ ସୃଷ୍ଟି ହୁଏ। ରୋଗର ନିରାକରଣ ପାଇଁ ଡାକ୍ତରମାନେ ହିଷ୍ଟୋପାଥୋଲୋଜିକାଲ୍, ସିଟି, ସିଟିଏ ଏବଂ ଏମ୍‌ଆରଆଇ ଭଳି ବିଭିନ୍ନ ପ୍ରକାରର ଚିତ୍ର ବ୍ୟବହାର କରନ୍ତି। ଉକ୍ତ ପ୍ରତିଛବିଗୁଡ଼ିକ ବିଭିନ୍ନ ଫର୍ମାଟରେ ଗଚ୍ଛିତ ଥାଏ। ଉକ୍ତ ବୈଷୟିକ ଛବିକୁ ଗଭୀର ଭାବେ ଅନୁଧ୍ୟାନ କରି ବିଶ୍ଳେଷଣ କରିବା ହେଉଛି ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ଏକ ଅଂଶ। ଏହି ଉକ୍ତ ଡାକ୍ତରୀ ଚିତ୍ରଗୁଡ଼ିକୁ ବର୍ଗୀକରଣ, ଚିହ୍ନଟ ଏବଂ ବିଭିନ୍ନ ବିଭାଗରେ ବ୍ୟବହାର ପାଇଁ ଚିତ୍ର ତଥ୍ୟର ବିଭିନ୍ନ ଫର୍ମାଟକୁ ବିଶ୍ଳେଷଣ କରିବାରେ ଏଆଇ ମାନବ ମସ୍ତିଷ୍କର କାର୍ଯ୍ୟକୁ ଅନୁକରଣ କରିଥାଏ ବୋଲି ପ୍ରଫେସର ସାହୁ ପ୍ରକାଶ କରିଛନ୍ତି। ଇସ୍କେମିକ୍ ଷ୍ଟ୍ରୋକ୍, ଇଂଟାକ୍ରାନିଆଲ୍ ଷ୍ଟେନୋସିସ୍, କଲୋରେକ୍ଟାଲ୍ କର୍କଟ ଏବଂ ଫୁସଫୁସ କର୍କଟ ଭଳି ରୋଗୀଙ୍କ ପ୍ରତିଛବି ତଥ୍ୟକୁ ବିଶ୍ଳେଷଣ କରିବା ପାଇଁ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଉପଯୋଗୀ ହେବ ବୋଲି ପ୍ରଫେସର ସାହୁ ସୂଚନା ଦେଇଛନ୍ତି। ଏନେଇ ଅଧିକ ଗବେଷଣା ପାଇଁ ଏମ୍ସ ଭୁବନେଶ୍ୱର ଭଳି ଖ୍ୟାତିସମ୍ପନ୍ନ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ମିଳିତ ଭାବେ କାର୍ଯ୍ୟ କରିବା ଟାଙ୍ଗ୍ ଗୁଙ୍ଗ୍ ବିଶ୍ୱବିଦ୍ୟାଳୟ ପାଇଁ ନିଶ୍ଚିତ ପକ୍ଷେ ଏକ ଆନନ୍ଦର ବିଷୟ। ଉନ୍ନତ ରୋଗୀ ସେବା ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହେବ ବୋଲି ପ୍ରଫେସର ସାହୁ ପ୍ରକାଶ କରିଛନ୍ତି ।ଉଲ୍ଲେଖଯୋଗ୍ୟଯେ ତାଇୱାନ୍‌ର ଟାଙ୍ଗ୍ ଗୁଙ୍ଗ୍ ୟୁନିଭରସିଟି, ଟାଙ୍ଗ୍ ଗୁଙ୍ଗ୍ ମେମୋରିଆଲ ହସ୍ପିଟାଲ କ୍ଲିନିକାଲ ଏବଂ ମେଡିକାଲ ଚିତ୍ରର ତଥ୍ୟ ବିଶ୍ଳେଷଣ କ୍ଷେତ୍ରରେ ଦୀର୍ଘ ବର୍ଷ ହେବ ନିଷ୍ଠାର ସହିତ ନିରନ୍ତର କାର୍ଯ୍ୟ କରିଆସୁଛି। ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ଦିଲ୍ଲୀପ କୁମାର ପରିଡା ଏହି ଅବସରରେ ଉପସ୍ଥିତ ଥିଲେ।

## ରାସ୍ତା କଂକ୍ରିଟ ଢ଼ଳେଇ ପଡିଲା: ୫ଦିନପରେ ଗୋଡି ଉଠିଗଲା

ପୁରୀ,୮।୨(ପି.ଏନ):ପୁରୀ ପୌରାଂଚଳ ଶ୍ରୀକ୍ଷେତ୍ର କଲୋନୀ ମଙ୍ଗଳା ମନ୍ଦିର ତୃତୀୟ ଲେନ୍ ର ନବନିର୍ମିତ କଂକ୍ରିଟ ଢଳେଇ ରୋଡ କାମ ହୋଇଥିଲା । ୫ଦିନ ନପୁରୁଣୁ ଗୋଡି ଉଠିଯାଇଛି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି ।ଘର ସାମନାରେ ପାଣି ଜମି ରହିଥିବାର ଦୃଶ୍ୟ କଲୋନୀ ଅନ୍ତେବାସୀଙ୍କୁ ହନ୍ତସନ୍ତ ରେ ପକାଇଛି। କଲୋନୀ ଅନ୍ତେବାସୀଙ୍କ କହିବା କଥା ସାରାଂଶ,ଢଳେଇ ରୋଡର ଆରମ୍ଭରୁ ହିଁ କଂଟ୍ରାଟର ଦ୍ୱାରା ନିମ୍ନ ମାନର ଏବଂ ଲୋକଙ୍କ ମନ ମୁତାବକ ନିର୍ମାଣ କରାଯାଇ ନ ଥିଲା । ଏହା ଅତ୍ୟନ୍ତ ନିମ୍ନମାନର ହୋଇଥିଲା। କଲୋନୀ ଅନ୍ତେବାସୀଙ୍କ ଏହି ଦୁର୍ଦ୍ଦଶା ଦୃଷ୍ଟିଗୋଚର ହୋଇଥିଲା ।କଲୋନୀ ଅନ୍ତେବାସୀଙ୍କ ଅନୁରୋଧକ୍ରମେ ମୁନସିପାଲଟି ମୁଖ୍ୟ ଏବଂ ଜିଲ୍ଲାପାଳଙ୍କୁ ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ନିବେଦନ କରାଯାଇଛି ।ତୁରନ୍ତ ଏହି ରାସ୍ତା ର ମରାମତି ସହ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ସାହିବାସିନ୍ଦା ଦାବୀ କରିଛନ୍ତି ।

## ନବ ଦାସଙ୍କ ହତ୍ୟା ମାମଲା: ସବୁ ଦିଗକୁ ଗୁରୁତ୍ୱ ଦିଆଯାଉଛି, ତଦନ୍ତକୁ ସମୟ ଲାଗିବ; ଡିଜିପି

ଭୁବନେଶ୍ୱର, ୮।୨(ପି.ଏନ): ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ ସମୟରେ ଆମେ ସବୁ ଦିଗକୁ ଗୁରୁତ୍ୱ ଦେଉଛୁ। ସେଥିପାଇଁ ତଦନ୍ତକୁ ସମୟ ଲାଗିବ। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାର ଜାଂଚ ଉପରେ ପ୍ରତିକ୍ରିୟା ପ୍ରକାଶ କରି ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂସଲ ଏହି ପ୍ରତିକ୍ରିୟା ଦେଇଛନ୍ତି।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆଇସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆଇସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ



ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।




ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ/ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦ୍ୱାହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା।



ଏହାର ସ୍ମାରକୀ ସଦୃଶ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି। ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି। କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ। ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ। ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି। ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧି କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି। ପ୍ରକୃତପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହାସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହାସହ ଚୀନ ପରିବ୍ରାଜକ ମେଗାସ୍ଥିନିସ୍ କହନ୍ତି-ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲିଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ-ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ବହୁ ଉନ୍ନତଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଳାଇ (ଘଣ୍ଟଶିଳା), ପିଟୁଣ୍ଡ (ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁରଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହାଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହାସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହାସହ ଏଠାରେ ଅବସ୍ଥିତ ବହୁତଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦରମାନଙ୍କରୁ ମାଲକ୍କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଡେନ ଓ ଜେଡ଼ାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ିଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ବହୁ ବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦରଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।



ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ପର୍କ-୮୮୯୫୧୪୧୭୨୭

# ଆଧ୍ୟାତ୍ମିକ ଆଲୋଚନାରେ ତୁଳସୀ ବିବାହ

ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା। ବୃନ୍ଦା ଥିଲା ଜଣେ ପତିବ୍ରତା ମହିଳା। ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ, ତାର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ। ଫଳରେ ତାକୁ ହରାଇବା ସହଜସାଧ୍ୟ ହୋଇପଡ଼ିବ। ଶେଷରେ ଶ୍ରୀହରି ବିଷ୍ଣୁ ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ। ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା। ଫଳରେ ତାର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡିବ ଏବଂ ପତ୍ନୀବିୟୋଗ ସହିବାକୁ ହେବ। ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା।



ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା ତୁଳସୀ ନାମରେ ପୂଜା ପାଇବାକୁ ଲାଗିଲେ। ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

କାର୍ତ୍ତିକ ଶୁକ୍ଳ ପକ୍ଷ ଏକାଦଶୀରେ ଭାରତର ଅଧିକାଂଶ ଅଞ୍ଚଳରେ ତୁଳସୀ ବିବାହ ପାଳିତ ହୁଏ। ହିନ୍ଦୁ ପୁରାଣ ଅନୁଯାୟୀ ତୁଳସୀ ହେଉଛନ୍ତି ବିଷ୍ଣୁପ୍ରିୟା। ତୁଳସୀ ପତ୍ର ବିନା ବିଷ୍ଣୁ ପୂଜନ ସଂପୂର୍ଣ୍ଣ ହୁଏନାହିଁ। ହିନ୍ଦୁଧର୍ମ ଅନୁଯାୟୀ ଦୁହେଁ ପତି-ପତ୍ନୀ। ଏହି ଦିନରେ ସାଧାରଣତଃ ବିଷ୍ଣୁ ପ୍ରତିମା ବା ଶାଳଗ୍ରାମ ସହ ତୁଳସୀ ପତ୍ର ମଧ୍ୟରେ ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ଜଳନ୍ଧର ରାକ୍ଷସର ପତ୍ନୀ ବୃନ୍ଦା ଥିଲେ ଅତ୍ୟନ୍ତ ପତିବ୍ରତା। ତେଣୁ କେହି ଜଳନ୍ଧରକୁ ପରାଜିତ କରିପାରୁ ନଥିଲେ। ଦେବଗଣ ବାରମ୍ବାର ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣ ପଶିଲେ। ବୃନ୍ଦାଙ୍କ ପତିବ୍ରତା ଧର୍ମ ନ ଭାଙ୍ଗିଲେ ଏହା ସମ୍ଭବ ନଥିଲା। ଏହି କାମଟିକୁ ବିଷ୍ଣୁ ତୁଲାଇଲେ ଏବଂ ପରିଣାମସ୍ୱରୂପ ରଣାଙ୍ଗନରେ ଜଳନ୍ଧର ନିହତ ହେଲା। ବୃନ୍ଦା ଏହା ଜାଣିବା ପରେ ମୃତ୍ୟୁଲୋକରେ ଜନ୍ମ ହେବା ପାଇଁ ଭଗବାନଙ୍କୁ ଅଭିଶାପ ଦେବା ସହ ଅଗ୍ନିରେ ନିଜକୁ ଝାସ ଦେଇ ସତୀ ହୋଇଥିଲେ। ସେହି ସ୍ଥାନରେ ଜନ୍ମ ହୋଇଥିଲା ତୁଳସୀ ଗଛ। ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ କଳାପଥର ପାଲଟିବାକୁ ସେ ଶାପ ଦେଇଥିଲେ। ଆଉ ପଥର ସହ ତାଙ୍କର ବିବାହ କରାଇବା ପାଇଁ ଭଗବାନ ବର ଦେଇଥିଲେ। ଯେଉଁ ମଣିଷ ତୁଳସୀ ସହ ଶାଳଗ୍ରାମର ବିବାହ କରାଇବେ, ତାଙ୍କୁ ପରମ ଧାମ ପ୍ରାପ୍ତି ହେବ। ଏହା ବିଷ୍ଣୁ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ପ୍ରତୀକାତ୍ମକ ବିବାହ।

**—ଶ୍ୟାମସୁନ୍ଦର ସାମଲ,** ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬/୮୨୮୦୯୬୩୨୮୩

# ଭାରତ ଯୋଡ଼- ଓଡ଼ିଶା ପରିବର୍ତ୍ତନ ଯାତ୍ରା



ଭୁବନେଶ୍ୱର ପିଏନ୍)-ଗତକାଲି ସକାଳ ଓଡ଼ିଶା ପରିବର୍ତ୍ତନ ଯାତ୍ରାର ଦ୍ୱିତୀୟ ଦିନରେ ଫୁଲନଖରା ସ୍ଥିତ ଲଖେଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହେଲା। କଟକ ଜିଲ୍ଲା ସୀମାରେ ନଖରାଛକ ପୂର୍ବରୁ କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଏବଂ କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ମହାପାତ୍ର ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହିତ ପଦଯାତ୍ରୀଙ୍କ ସହିତ ଯୋଡ଼ି ହୋଇ ପଦଯାତ୍ରା କରିଥିଲେ। ହଜାର ହଜାର କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତା ଏହି ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିଲେ। ପିର ବଜାର ସ୍ଥିତ ଦରଘାରେ ଚାଦର ଚଢ଼ାଇ ଏବଂ ନିକଟସ୍ଥ ହନୁମାନ ମନ୍ଦିରରେ ଶ୍ରୀ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବର୍ଗ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଯାତ୍ରା ଯେତେ ଆଗକୁ ଆଗକୁ ଯାଉଥିଲା ଜନସମାଗମ ସେମିତି ବଢ଼ି ବଢ଼ି ଚାଲିଥିଲା। ତେଲଙ୍ଗାପେଣ୍ଠ ଓ ପ୍ରତାପନଗରୀ ଠାରେ ଶ୍ରୀ ପଟ୍ଟନାୟକଙ୍କୁ ସାଧାରଣ ଜନତା ତଥା କଟକ ଜିଲ୍ଲା କଂଗ୍ରେସ ନେତୃବୃନ୍ଦ ସ୍ୱାଗତ କରିବା ସହିତ ପଦଯାତ୍ରାରେ ଯୋଗଦେଇଥିଲେ। ପ୍ରଥମାର୍ଦ୍ଧରେ ଏହି ପଦଯାତ୍ରା ୧୨ କି.ମି. ଅତିକ୍ରମ କରି କଟକ ଗୋପାଳପୁର ଠାରେ ମଧ୍ୟାହ୍ନ ଭୋଜନ ପାଇଁ ବିରତି ନେଇଥିଲେ। ଅପରାହ୍ନରେ ପଦଯାତ୍ରା ଆରମ୍ଭ ହୋଇ ଏହା ଜଗତପୁର ଛକଠାରେ ପଂହଚିବା ପରେ ଦ୍ୱିତୀୟ ଦିନର ଯାତ୍ରା ଶେଷହେଲା। ରାସ୍ତାରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସଂପ୍ରଦାୟର ବହୁ ନେତୃବର୍ଗ, ଆଇନଜୀବୀ, କୃଷକ, ଶ୍ରମିକ ଓ ସାମାଜିକ କର୍ମୀମାନଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ପଟ୍ଟନାୟକ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଭାରତ ଯୋଡ଼ ପରିବର୍ତ୍ତନ ଯାତ୍ରାର ମୂଳ ଉଦ୍ଦେଶ୍ୟ ଓଡ଼ିଶାର ଦୀର୍ଘ ୨୨ ବର୍ଷ ଓ କେନ୍ଦ୍ରର ୮ ବର୍ଷର ଏକ କଳଙ୍କିତ, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ଗଣତନ୍ତ୍ର ଓ ସମ୍ବିଧାନ ବିରୋଧି ସରକାର ବିରୁଦ୍ଧରେ ଜନସଚେତନତା କରିବା। ଏ ରାଜ୍ୟର ଯୁବକ ଆଜି ଦିଶାହୀନ। କୃଷକ, ଶ୍ରମିକ, ସ୍ୱଳ୍ପଆୟକାରୀ ବର୍ଗ, ମଧ୍ୟବିତ ଆୟକାରୀ ବର୍ଗ ଉପେକ୍ଷିତ ଓ ଅତ୍ୟାଚାରିତ। ମହିଳାମାନେ ଆଜି ଅସୁରକ୍ଷିତ। ହଜାର ହଜାର ସଂଖ୍ୟାର ଲୋକ ଆଜି ଦାଦନ ଖଟିବାକୁ ଯାଉଛନ୍ତି। ୨୨ ବର୍ଷରେ ଗୋଟିଏ ବି କୃଷିଭିତ୍ତିକ ଶିଳ୍ପ ହୋଇପାରିଲା ନାହିଁ। କେବଳ ଗଣମାଧ୍ୟମରେ ବଂଚିବା ପାଇଁ ଶହ ଶହ ଏମଓୟୁ ଦସ୍ତଖତ କରାଯାଉଛି କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଫଳବତୀ ହେଲା ନାହିଁ। କୃଷକର ଆୟ ଦ୍ୱିଗୁଣିତ କରିବାପାଇଁ ୨୦୧୨ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହେଲା ନାହିଁ ସତ ୨୦୨୨ ବେଳକୁ ଆମ ରାଜ୍ୟର କୃଷକର ଆୟ ସାରା ଭାରତବର୍ଷର ସର୍ବନିମ୍ନ ହେଲା ଏହା ହେଉଛି କୃଷକମାନଙ୍କ ପ୍ରତି ନିଷ୍ଠା ଓ ଦାୟିତ୍ୱ। ବାସହୀନଙ୍କୁ ଗୃହଉପଯୋଗୀ ଜମି ଓ ବାସହରାଙ୍କ ମୁଣ୍ଡ ଗୁଂଜିବା ପାଇଁ ସମସ୍ତଙ୍କୁ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜିବି ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ନାହିଁ। ସବୁ ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରତିଶ୍ରୁତିରେ ରହିଯାଉଛି। ମାଳ ମାଳ ଯୋଜାନ କିନ୍ତୁ ଫଳ କିଛି ନାହିଁ। ଖାଉଟି ମୁଦ୍ରାସ୍ଫୀତି ଆଜି ୭.୪୧ରେ ପଂହଚିଲାଣି। ମହଙ୍ଗାମାଡ଼ରେ ଓଡ଼ିଶା ଲୋକଙ୍କ ଅଂଟା ଭାଙ୍ଗିଗଲାଣି। ବିଶ୍ୱ କ୍ଷୁଧା ସୂଚକାଙ୍କ ତାଲିକା ଅନୁସାରେ ଭାରତର ସ୍ଥାନ ଆଜି ୧୦୭, ୧୨୨ ରାଷ୍ଟ୍ର ମଧ୍ୟରୁ। ବେରୋଜଗାର ୪୫ ବର୍ଷର ରେକର୍ଡକୁ ଅତିକ୍ରମ କରିସାରିଛି। ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନରେ ଆଜି ୮୨.୭୯ ପଇସାରେ ପଂହଚିଲାଣି। ତଥାପି ନରେନ୍ଦ୍ର ମୋଦି ବିଶ୍ୱଗୁରୁ ବୋଲି ବୋଲାଉଛନ୍ତି। ଏହି ଦୀର୍ଘ ୮ ବର୍ଷ ଧରି ଆତ୍ମପ୍ରଚାର ଓ ଭାରତକୁ ହିଂସା, ଦ୍ୱେଷ, ଘୃଣା, ସାଂପ୍ରଦାୟିକତା ସୃଷ୍ଟି କରି ଭାରତକୁ ଭାଗ ଭାଗ କରିବା ଛଡ଼ା ଅନ୍ୟ କିଛି କରାଯାଇନାହିଁ। କଂଗ୍ରେସ ଏ ଦେଶର ମୂଳ ଓ ଜନସାଧାରଣଙ୍କର ବଳ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବା ଜେନା, ସନ୍ତୋଷ ସିଂ ସାଲୁଜା, ଭୂଜବଳ ମାଝୀ, ରବି ମଲ୍ଲିକ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ, ବନ୍ଦିତା ପରିଡ଼ା, ସ୍ମୃତିରଂଜନ ଲେଙ୍କା, ୟାସିର ନୱାଜ, ନକୁଳ ନାୟକ, ବିଭୁତି ମିଶ୍ର, ବିଶ୍ୱଜିତ ଦାଶ, କିଶୋର ଜେନା, ବାଙ୍କନିଧି ବେହେରା, ସନତ ଦାସ, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଆଲୋକ ଲେଙ୍କା, ଅନିଲ ବେଉରା, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, କାବୁ ମହାନ୍ତି, ଆକୁଉବ ଖାନ, ଦେବ ମହାନ୍ତି, ବିନୁ ପାଣି, ବିଶ୍ୱ ମହାନ୍ତି, ମଧୁମିତା ଆଚାର୍ଯ୍ୟ, ସୁବ୍ରତ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ବିଶ୍ୱଭୂଷଣ ମହାପାତ୍ର, ନଳିନିକାନ୍ତ ନାୟକ, ରଣଜିତ ସେନାପତି, ବିଭୁତିଭୂଷଣ ମହାପାତ୍ର, ଡ. ବିପ୍ଳବ ଶିଳାଦିତ୍ୟ, ଅନ୍ନପୂର୍ଣ୍ଣା ସାହୁ, ମନୋଜ ବିଶ୍ୱାଳ, ଶିଶିର ରଥ, ସଚ୍ଚିଦାନନ୍ଦ ରାଉତ, ପ୍ରିୟଜିତ ରାୟ, ରାଜୁ ସ୍ୱାଇଁ, ଶୋଭା ସିଂ, ବିଶ୍ୱନାଥ ଶତପଥି, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ଚନ୍ଦ୍ରଶେଖର ସାହୁ, ଉତମ ବେହେରା, ମାନସ ନାୟକ, ରାଜୀବ ମହାନ୍ତି, ନିରଂଜନ ଦାସ, ବିଶ୍ୱ ସାହୁ, ସୁଶ୍ରୀ କଳ୍ପନା ରାଉତରାୟ, କର୍ପୋରେଟ, ଜେ କାମାଶ ରାଓ, ହିଂମାଂଶୁ ରାଉତ, ଅଶୋକ ସାହୁ, ସେକ ଜାଫର, ବାବୁ ରାଓ, ରାଜଶ୍ରୀ ମିଶ୍ର, ଦଲି ମାଝୀ, ସମରେନ୍ଦ୍ର ହାତି, ଉଗ୍ରସେନ ଭୂୟାଁ, ପ୍ରଭାତ ଭୂୟାଁ, ରାମଚନ୍ଦ୍ର ଗୋଛାୟତ, ଅଭିଷେକ ମହାନ୍ତି, ଦୀପକ ମହାପାତ୍ର, ଏମଡି ଶାହାଦୁଲ୍ଲା, ମନୋଜ ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଦୁର୍ଗା ପାଢ଼ୀ, ଆଶିଷ ମଲ୍ଲିକ, ମୋହନ ଜେନା, ଅଶୋକ ଦାସ, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ, ମାନସ ସେଠୀ, ସେକ ତାକୱିନ, ପୁଷ୍ପିତା ଦାସ, ଦିପ୍ତିରାଣୀ ପ୍ରଧାନ, ଜୟଶ୍ରୀ ପାତ୍ର, ପ୍ରଶନ୍ନ ନାୟକ, ପ୍ରଣତି ମିଶ୍ର, ସିଲି ସେଠୀ ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୦୯

# ଖାଆନ୍ତୁ ଓଜନ କମାନ୍ତୁ

ଓଡ଼ିଆରେ ଏକ ଲୋକକଥା ଅଛି। ଖାଇ ବସିଲେ ବଢ଼ଇ ପେଟ... ଖାଇ ଖାଇଲେ ଯମର ଭେଟ....। ଆପଣ ମାନଙ୍କୁ ଉପରୋକ୍ତ ଶୀର୍ଷକଟା ଅଡୁଆ ଲାଗିପାରେ କିନ୍ତୁ ଆମ ଜାଣନ୍ତରେ ଏପରି ବି କିଛି ଖାଦ୍ୟ ଅଛି ଆପଣ ଯାହାକୁ ଖାଇଲେ ଏହା ଆପଣଙ୍କର ଓଜନ ବଢ଼ାଇବ ନାହିଁ ବରଂ କମାଇବା ପାଇଁ ସାହାଯ୍ୟ କରିବ। ଆସନ୍ତୁ ଏହାରି ଉପରେ ଏକ ତଥ୍ୟ ସମ୍ବଳିତ ଆଲୋଚନା ରଖିବା। ବିନ୍‌ସ ଓଜନ କମାଇବା ପାଇଁ ସବୁଠାରୁ ଭଲ। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବିନ୍‌ସରେ ଏପରି ତତ୍ତ୍ୱ ରହିଛି ଯାହା କାଲ୍‌ସିଷ୍ଟୋଜିନିନ୍ ନାମକ ହଜମକାରକ ହରମୋନ ପ୍ରାୟ ଦୁଇଗୁଣ ବଢ଼ାଇବାରେ ସହାୟତା କରିଥାଏ। ବିନ୍‌ସ ରକ୍ତଶର୍କରା ସ୍ତର ଠିକ୍ ରଖିଥାଏ ଯାହାଦ୍ୱାରା ଅଧିକ ସମୟ ଯଦି ଭୋକିଲା ରହିବାକୁ ପଡ଼େ, ତେବେ କୌଣସି କ୍ଷତି ହୋଇନଥାଏ। ବିନ୍‌ସ ଉଚ୍ଚ ତନ୍ତୁଯୁକ୍ତ ହୋଇଥିବାରୁ ଏହା କୋଲେଷ୍ଟେରଲ୍ କମ୍ କରିବାରେ ବି ସହାୟକ। ପ୍ରୋଟିନ୍‌ର ଖଣି ଅଣ୍ଡା ସକାଳ ଜଳଖିଆରେ ଖୁବ୍ ଭଲ। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ମହିଳାମାନେ ବ୍ରେକ୍‌ଫାଷ୍ଟରେ ସ୍କ୍ରାମ୍ବଲଡ୍ ଅଣ୍ଡା ସହିତ ଦୁଇଟି ଟୋଷ୍ଟ ଏବଂ କମ୍ କ୍ୟାଲୋରୀଯୁକ୍ତ ଫ୍ରୁଟ୍‌ସ୍ପ୍ରେଡ୍ ଖାଇଥାନ୍ତି ସେମାନଙ୍କୁ ଅନ୍ୟ ମହିଳାମାନଙ୍କ ତୁଳନାରେ କମ୍ ଭୋକ ହୁଏ। ଫଳରେ କମ୍ କ୍ୟାଲୋରୀର ଖାଦ୍ୟ ଦେହକୁ ଯାଏ। ଲଞ୍ଚ୍ କିମ୍ବା ଡିନର ସାଲାଡ଼ରୁ ଆରମ୍ଭ କରନ୍ତୁ। ତେବେ ଏଥିରେ କ୍ରିମ୍ ଡ୍ରେସିଙ୍ଗ ନହୋଇଥିବା ଜରୁରୀ। ପେନ୍‌ଷ୍ଟେଟ୍ ୟୁନିଭର୍ସିଟିରେ ୪୨ଜଣ ମହିଳାଙ୍କୁ ନେଇ କରାଯାଇଥିବା ଗବେଷଣାରେ ଦେଖାଯାଇଥିଲା ଯେ, ଯେଉଁମାନେ ଖାଦ୍ୟ ପୂର୍ବରୁ ଏକ ବଡ଼ ପ୍ଲେଟର କମ୍ କ୍ୟାଲୋରୀଯୁକ୍ତ ସାଲାଡ଼ ଖାଇଥିଲେ ସେମାନେ ୧୨ ପ୍ରତିଶତ କମ୍ ପାସ୍ତା ଖାଇପାରିଲେ। ସାଲାଡ଼ରେ ଭିଟାମିନ୍ ସି ଏବଂ ଇ ବ୍ୟତୀତ ଫଲିକ୍ ଏସିଡ୍, ଲାଇକୋପିନ୍, କ୍ୟାରୋଟେନ୍ ଏଡସ ଆଦି ପୋଷକ ତତ୍ତ୍ୱ ରହିଛି ଯାହା ପ୍ରତିରୋଧକ କ୍ଷମତା ବଢ଼ାଇଥାଏ।

ଓଜନ କମାଇବାକୁ ଇଚ୍ଛା କରୁଥିବା ଲୋକଙ୍କ ପାଇଁ ଗ୍ରୀନଟି ଏକ ଉତ୍କୃଷ୍ଟ ପାନୀୟ। ଏଥିରେ କାଟେସିନ୍ସ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ଫ୍ୟାଟ୍ ହ୍ରାସ କରିବା ସହିତ ମେଟାବଲିଜିମ୍ ବଢ଼ାଇବାରେ ସହାୟକ। ଗ୍ରୀନ୍ ଟି ବିଏମ୍‌ଆଇ ବା ବଡ଼ି ମାସ୍ ଇଣ୍ଡେକ୍ସ କମକାଇବା ଏବଂ କ୍ଷତିକାରକ ଏଲଡ଼ିଏଲ କୋଲେଷ୍ଟେରଲ କମ୍ କରିବାରେ ସହାୟତା କରିଥାଏ ବୋଲି ଗବେଷଣାରୁ ପ୍ରକାଶ। ଫାଇବର ବା ତନ୍ତୁର ଗନ୍ତାଘର ନାସ୍‌ପାତି। ଆମେରିକାର ଖାଦ୍ୟ ଏବଂ ଔଷଧୀୟ ପ୍ରଶାସନ ଅନୁସାରେ ପ୍ରାୟ ଛଅ ଗ୍ରାମର



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଗୋଟିଏ ନାସପାତି ଭୋକ ମେଣ୍ଟାଇବାକୁ ପର୍ଯ୍ୟାପ୍ତ। ସେଓ ପରେ ଏହାକ ଏକ ଭଲ ବିକଳ୍ପ। ଉଭୟ ଫଳରେ ପେକ୍‌ଟିନ୍ ଫାଇବର ରହିଛି ଯାହା ରକ୍ତ ଶର୍କରା ସ୍ତର ସଠିକ୍ ରଖେ। ଅବେଳରେ ଭୋକ ହେଲେ ହାଇକ୍ୟାଲୋରୀ ସ୍ନାକସ୍ ନେବା ବଦଳରେ ନାସପାତି ଖାଆନ୍ତୁ। ଏକ କପ୍ ଚିକେନ୍ ସୁପ୍ ଏବଂ ଏକ ସାଧାରଣ ଆକାରର ଚିକେନ୍ ପିସ୍ ଭୋକ ସମାନ ଭାବେ କମାଇପାରେ। ବଢ଼ନ୍ତା ବୟସରେ ଫ୍ୟାଟ୍ କମାଇବା କଷ୍ଟକର ହୋଇଥିଲା ବେଳେ ସହାୟକ ହୁଏ ଅଲିଭ୍ ତେଲ। ଏଥିରେ ଥିବା ମନୋସାଚୁରେଟେଡ଼ ଫ୍ୟାଟ କ୍ୟାଲୋରୀ ହ୍ରାସରେ ସହାୟକ। ଅଷ୍ଟ୍ରେଲିଆରେ ୫୭ରୁ ୭୩ ବର୍ଷ ବୟସର ମହିଳାମାନଙ୍କ ଉପରେ ଗବେଷଣା କରାଯାଇ ଜଣାଯାଇଥିଲା ଯେ, ଅଲିଭ ତେଲ ମେଟାବଲିଜିମ୍ ବଢ଼ାଇପାରୁଛି। ଖାଦ୍ୟ ପରେ ମିଠା ଖାଇବାର ଅଭ୍ୟାସ ମେଦବହୁଳତାର ଅନ୍ୟ ପ୍ରମୁଖ କାରଣ। ଯଦି ଖାଦ୍ୟରେ ଡାଲଚିନି ଗୁଣ୍ଡ ପକାଇ ଖାଇବାର ଅଭ୍ୟାସ କରିବେ ତେବେ ମିଠା ଲୋଭ ମେଣ୍ଟିବା ସହ ଅଯଥା କ୍ୟାଲୋରୀରୁ ମୁକ୍ତି ମିଳିପାରିବ। ଆମେରିକାର କୃଷି ବିଭାଗରେ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ପ୍ରତିଦିନ ଛୋଟ ଚାମଚରେ ଚାରିଭାଗରୁ ଭାଗେ ଡାଲଚିନି୍ ଗୁଣ୍ଡ ଖାଇବା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ରକ୍ତଶର୍କରା ଏବଂ କୋଲେଷ୍ଟେରଲ କମ୍ କରିପାରେ। ଏକ ସ୍ୱିଡିସ୍ ଗବେଷଣାରୁ ଜଣାଯାଇଛି ଯେ, ଭିନେଗାର ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ କରାଇ ଦିଏନାହିଁ। ସାଧାରଣ ବ୍ରେଡ ଖାଇବା ଅପେକ୍ଷା ଏହାକୁ ଭିନେଗାରରେ ବୁଡ଼ାଇ ଖାଇଲେ ଭୋକ କମ୍ ହୁଏ। ଭିନେଗାରରେ ଥିବା ଏସିଟିକ୍ ଏସିଡ୍ ଖାଦ୍ୟ ହଜମ କରିବାରେ ସମୟ ଲଗାଏ। ଫଳରେ ଭୋକ ବିଳମ୍ବରେ ହୁଏ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# ମନେରଗାରେ କାଟଛାଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ସପ୍ତାହରେ ପାର୍ଲିଆମେଂଟରେ ଉପସ୍ଥାପିତ କରିଥିବା ୨୦୨୩-୨୪ ବର୍ଷର କେନ୍ଦ୍ରୀୟ ବଜେଟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନେରଗା) ଅନୁଦାନ ୬୦ହଜାର କୋଟି ଟଙ୍କାକୁ ହ୍ରାସ କରିଛନ୍ତି। ଗ୍ରାମାଚଂଳରେ ସାଧାରଣ ଲୋକଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେଉଥିବା ମନେରେଗା ଯୋଜନାର ବ୍ୟୟ ବରାଦ ହ୍ରାସ ଗତ ୬ବର୍ଷ ମଧ୍ୟରେ ସର୍ବନିମ୍ନ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ମହାମାରୀ କରୋନାର ତାଣ୍ଡବରେ ଦୀର୍ଘକାଳୀନ ତାଲାବନ୍ଦ, କଟକଣା ପ୍ରଭାବରେ ସବୁକିଛି ଠପ୍ ହୋଇଯାଇଥିବାବେଳେ ଗ୍ରାମାଚଂଳରେ ମନେରେଗା ଯୋଜନା, ବେକାର, ବେରୋଜଗାର ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ୨୦୨୦-୨୧ ଆର୍ଥୀକ ବର୍ଷରେ ମୋଟ ୧,୧୧,୧୭୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି ଯୋଜନା ପାଇଁ ମୂଳ ବଜେଟରେ ୮୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ଅତିରିକ୍ତ ବଜେଟରେ ଆଉ ୨୧ ହଜାର ମଂଜୁର ହୋଇଥିଲା।

ମହାମାରୀ କାଳରେ ଫେରନ୍ତା ଶ୍ରମିକ ଓ ଅସହାୟଙ୍କ ପାଇଁ ମନେରଗା ବରଦାନ ସାବ୍ୟସ୍ତ ହୋଇଥିଲା। ସେହିପରି ୨୦୨୧-୨୨ ଆର୍ଥୀକ ବର୍ଷ ପାଇଁ ବଜେଟରେ ୯୮,୪୬୮ କୋଟି ଏବଂ ୨୦୨୨-୨୩ ବର୍ଷ ପାଇଁ ୮୯,୪୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ମହାମାରୀ କରୋନାର ପ୍ରଭାବ ହ୍ରାସ ପାଇବା ପରେ ଦେଶର ଅର୍ଥନୀତି ଏବେ ପୂର୍ବାବସ୍ଥା ତଥା ୨୦୧୯-୨୦ ସ୍ଥିତିକୁ ସମ୍ପୂର୍ଣ୍ଣ ଫେରିଥିବା କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦୀ ସରକାର ବିଶ୍ୱାସ କରିଛନ୍ତି। ଏପରିକି ରୁଷ-ୟୁକ୍ରେନ ଯୁଦ୍ଧ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡିକର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ ଏବେ ବହୁ ରାଷ୍ଟ୍ରରେ ଆର୍ଥୀକ ମାନ୍ଦାବସ୍ଥା ସୃଷ୍ଟି କରିଛି। କିନ୍ତୁ ଭାରତ ଉପରେ ଏହାର କୌଣସି ପ୍ରଭାବ ମଧ୍ୟ ପଡିନାହିଁ। ଅର୍ଥମନ୍ତ୍ରୀଙ୍କ ସର୍ବଶେଷ ଅର୍ଥନୈତିକ ସର୍ଭେ ରିପୋର୍ଟ ଟାଇଟଲ ସମ୍ପୂର୍ଣ୍ଣ ପୂର୍ଣ୍ଣଲାଭ(ରିକୋଭରୀ କଂପ୍ଲିଟ) ରଖାଯାଇଛି। ଏହା ନିଶ୍ଚିତ ଯେ, ସ୍ୱାଭାବିକୀକରଣ ଅର୍ଥନୀତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କୌଣସି ସ୍ୱତନ୍ତ୍ର ନିରାପତା କାର୍ଯ୍ୟକ୍ରମ ତଥା ଏହା ମନେରଗା ହେଉ କିମ୍ବା ଅତିରିକ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯୋଜନା ହେଉ ଅତିରିକ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯୋଜନା ହେଉ ଆବଶ୍ୟକ କରେ ନାହିଁ ମହାମାରୀ ସମୟରେ ଦେଶର ଅସହାୟ, ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏହି ଦୁଇ ଯୋଜନା ବରଦାନ ସଦୃଶ୍ୟ ଥିଲା। ୨୦୧୯-୨୦ ପରେ ୨୦୨୩-୨୪ ଆର୍ଥୀକ ବର୍ଷ ପ୍ରଥମ ସ୍ୱାଭିବକ ବର୍ଷ ହେବା ନେଇ ସରକାର ଆଶାବାଦୀ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ବଜେଟରେ ମନେରଗା ଅନୁଦାନ ହ୍ରାସ କରିଥିବାବେଳେ ପାନୀୟ ଜଳ , ଜଳ ଜୀବନ ମିଶନର ବଜେଟ ବ୍ୟୟବରାଦ ୫୫ହଜାର କୋଟିର ୭୦ ହଜାର କୋଟି ଟଙ୍କାକୁ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବ୍ୟୟ ଅଟକଳ ୭୭,୧୩୦ କୋଟି ଟଙ୍କାରୁ ୭୯, ୫୯୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଦୁଇ ଯୋଜନା ବ୍ୟାପକ ଶ୍ରମିକଙ୍କ ଆବଶ୍ୟକତା ଥିବାରୁ ମନେରଗାର ବ୍ୟୟ ବରାଦ ବୃଦ୍ଧିର କୌଣସି ଆବଶ୍ୟକତା ନଥିବା ଅର୍ଥମନ୍ତ୍ରୀ କହିଛନ୍ତି। କହିବା ବାହୁଲ୍ୟ ଯେ, ମନେରଗା ଯୋଜନାରେ ପ୍ରତ୍ୟକ୍ଷ ଭାବେ ଶ୍ରମିକ କାର୍ଯ୍ୟ କରିବା ବାଧ୍ୟତାମୂଳକ ଥିବାବେଳେ ମେସିନ କାମ କରୁଥିବା ଅଭିଯୋଗ ହୁଏ। ଏହା ସତ୍ୱେ ଗ୍ରାମାଚଂଳରେ ଗତ ଚାରି ଦଶନ୍ଧି ଧରି ଶ୍ରମିକଙ୍କ ପାଇଁ ବରଦାନ ସଦୃଶ ରହିଥିବା ମନେରଗା ଆବଶ୍ୟକତା ରହିଛି। ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଚଳିତବର୍ଷ ୯ଟି ରାଜ୍ୟର ବିଧାନସଭା ନିର୍ବାଚନ ସାଙ୍ଗକୁ ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ଯାଉଛି। ଏଥିପାଇଁ ସରକାର ବଜେଟରେ ପାନୀୟ ଜଳ। ଜୀବନ ମିଶନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସ୍କିମ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଦେଶର ୮୦କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଯୋଗାଣ ପରି କେତେକ ଲୋକପ୍ରିୟ ଯୋଜନାକୁ ସରକାର ଅଗ୍ରାଧିକାର ଦେବା ସ୍ୱାଭାବିକ। ତାହା ହିଁ ବଜେଟ ସଂବେଦ୍ ପ୍ରଦାନ କରେ। ଏହା ସତ୍ୟ ଯେ, ମନେରଗା ଯୋଜନାରେ ଦୈନିକ ମଜୁରି ଅତି ସ୍ୱଳ୍ପ ରହିଛି। ଯାହାକି ମନେରଗା ପ୍ରତି ଶ୍ରମିକଙ୍କ ବିମୁଖତାର କାରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଏହା ସତ୍ୱେ ଗ୍ରାମାଚଂଳରେ ମନେରଗାରରେ ଗୁରୁତ୍ୱର ଅସ୍ୱୀକାର କରି ହେବନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋବାଇଲ ନଂ-୯୪୩୭୯୯୪୩୭୯

# ଓଡ଼ିଶା କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ସମନ୍ୱୟ ଓ ନିଷ୍ଠାପର ଉଦ୍ୟମ ଆବଶ୍ୟକ

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି।



ଇଂ. ସମ୍ବିତ ସାଇନାରାୟଣ ଭୂୟାଁ

ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୯୮୬୫୪୩୧

# ଜୀବନ ଯୁଦ୍ଧର ଲଢ଼େଇରେ ସୁଶୋଭିତା ଦିବ୍ୟାଙ୍ଗ ପୁଷ୍ପଲତା

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି।



ସୌମ୍ୟ ସାଇ ସିଦ୍ଧାର୍ଥ ଭୂୟାଁ

ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ସମ୍ବାଦ', 'ପ୍ରମେୟ', 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡ଼ି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

ସାଇବିଥି, ୭ଡି/୧୩୫୪, ସେକ୍ଟର-୯,
ସିଡିଏ, କଟକ,
ଦୂରଭାଷ : ୯୦୯୦୦୫୧୫୪୩

# ଏ ସବୁ ଈଶ୍ୱରଙ୍କ ପ୍ରକୋପ କି ?

ଏବେ ଚାରିଆଡ଼େ ଚର୍ଚ୍ଚା ଚାଲିଛି ତୁର୍କୀ ଓ ସିରିୟାରେ ହୋଇଥିବା ଭୟାନକ ଭୁକମ୍ପ ବିଷୟରେ । ଭଗ୍ନସ୍ତୂପ ମଧ୍ୟରୁ ଶୁଭୁଛି ବଂଚାଅ..ବଂଚାଅ..ବଂଚାଅର ବିକଳ ଡ଼ାକ । ପଡ଼ିରହିଥିବା କଂକ୍ରିଟ ଚାଦର ତଳେ ପ୍ରତି ମୁହୂର୍ତ୍ତରେ ଚାଲିଛି ମୃତ୍ୟୁ ସହ ସଂଗ୍ରାମ। କିଏ ତଳୁ ହାତ ହଲାଇ ପ୍ରାଣ ଭିକ୍ଷା କରୁଛି ତ କିଏ ଅଳ୍ପ ସ୍ୱରରେ ତ୍ରାହି ତ୍ରାହି ଡ଼ାକ ଛାଡୁଛି । ଅନ୍ୟପଟେ ଭୂକମ୍ପରୁ ରକ୍ଷା ପାଇ ଯାଇଥିବା ଲୋକେ କାନ୍ଦି କାନ୍ଦି ନିଜ ପରିବାର ପରିଜନଙ୍କୁ ଖୋଜିବାରେ ଲାଗିଛନ୍ତି । ଯେତେବେଳେ କ୍ଷତବିକ୍ଷତ ଶରୀରକୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇ ପହଂଚୁଛନ୍ତି, ହସ୍ପିଟାଲଗୁଡ଼ିକରେ ବି ସ୍ଥିତି ହୃଦୟବିଦାରକ ପାଲଟିବାର ଦେଖିବାକୁ ପାଉଛନ୍ତି। ତୁର୍କୀ ଓ ସିରିୟାର ଏଭଳି ଦୟନୀୟ ପରିସ୍ଥିତି ବିଶ୍ୱବାସୀଙ୍କ ଆଖିରେ ଲୁହ ଭରି ଦେଇଛି।

ପ୍ରକୃତରେ ଏ ସାଂସାରୀକ ଜୀବନ କ୍ଷଣସ୍ଥାୟୀ ମାତ୍ର । ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ, ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏବେ ରୁଷ-ୟୁକ୍ରେନ ମଧ୍ୟରେ ବି ଦୀର୍ଘ ଲଢେଇ ଲାଗିରହିଛି। ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି।

ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ରାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ମନକୁ ଏ କଥା ବହୁତ ଆନ୍ଦୋଳିତ କରୁଛି। ମହାପୁରୁଷ ଏବଂ ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ "ହକିକତୁଲ ଓହି,ପୃଷ୍ଠା-୨୬୯ରେ"ଲେଖିଛନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ। ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି।

ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣିନେଉ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ହଜରତ ଅହମଦ କୁହନ୍ତି; ଅଲ୍ଲାଃଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ



ମୌଲାନା ଫଜଲ ହକ ଖାଁ

ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ। ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍' ଅର୍ଥାତ୍ 'ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଗୃହର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ରକ୍ଷା କରିବି।' ଲେଖକ କୁହନ୍ତି, ଏଠାରେ ଏହା ଭାବିବା ସମିଚୀନ ନୁହେଁ ଯେ ଏହି କଥା ସେହି ଲୋକମାନଙ୍କ ସକାଶେ କୁହାଯାଇଛି, ଯେଉଁମାନେ ମୋ ଘର ଭିତରେ ଅଛନ୍ତି । ଅର୍ଥାତ ମୋର ଏହି ଝାଟିମାଟିର ଘରେ ରହୁଛନ୍ତି। ବରଂ ସେହି ଲୋକମାନେ ମଧ୍ୟ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ ହୋଇଛନ୍ତି। ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ।

ଏ ସଂବନ୍ଧରେ ପବିତ୍ର କୋରାନ କୁହେ; "ଓ୍ୱମା କୁନ୍ନା ମୁଅ'ଜ୍ଜିବିନା ହତ୍‌ତା ନବ୍‌ଅସା ରସୁଲା"(ପବିତ୍ର କୋରାନ,ସୁରାଃ-ବନି ଇସ୍ରାଇଲ:୧୬)ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର)ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ। କ'ଣ ଏ ବିପ୍ରାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ରାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ରାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତ୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; "ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ। ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗି ରହିବେ। ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ। ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କ'ଣ କ'ଣ ସବୁ ଶକ୍ତି ରହିଛି। ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାଃତାଲାଙ୍କୁ ଭୟ କର । ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । ଆସନ୍ତୁ ଆମେ ସବୁ ମିଳି ମିଶି ସେହି ନିରାକାର ଏକମ୍ ବ୍ରହ୍ମ ଦ୍ୱିତୀୟ ନାସ୍ତିର ଜୟଗାନ କରିବା । ତାଙ୍କୁ ଚିହ୍ନିବା । ତାଙ୍କୁ ଭକ୍ତି କରିବା । ତାଙ୍କ ଠାରୁ ଶକ୍ତି ପାଇବା । ତାଙ୍କ ବିନା ଅନ୍ୟ ଗତି ନାହିଁ । ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ଏହି ସବୁ ବିପ୍ରାପ୍ତରୁ ସୁରକ୍ଷିତ ରଖନ୍ତୁ। ତଥା ଏହାର କୁପରିଣାମରୁ ଆମ ସଭିଙ୍କୁ ବଂଚିତ କରନ୍ତୁ । ଏହା ହିଁ ଆମର କାମନା।

ଭୁବନେଶ୍ୱର
ମୋ-୯୬୯୨୨୨୫୦୫୭




## ନିର୍ମଳାପ୍ରଭା ନାୟକଙ୍କ ପରଲୋକରେ ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ଶୋକ ପ୍ରକାଶ

କେନ୍ଦ୍ରାପଡ଼ା, (ପି.ଏନ): ବିଶିଷ୍ଟ ସାରସ୍ୱତ ସାଧିକା ନିର୍ମଳାପ୍ରଭା ନାୟକଙ୍କ ସୋମବାର ଦିନ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ସାହିତ୍ୟ, ରାଜନୀତି ଓ ସମାଜସେବା ସହ ଜଡ଼ିତ ବିଭିନ୍ନ ମହଲରେ ଗଭୀର ଶୋକପ୍ରକାଶ ପାଇଛି। ଶ୍ରୀମତୀ ନାୟକ ପାଟକୁରା ଗାନ୍ଧୀ ଭାବେ ପରିଚିତ ରାଜକିଶୋର ନାୟକଙ୍କ ପତ୍ନୀ ତଥା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ମାଆ। ସେ ବୟସାଧିକ କାରଣରୁ ଅସୁସ୍ଥ ଥିବାବେଳେ ତାଙ୍କର ପରଲୋକ ଘଟିଛି। ଗତବର୍ଷ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ରଚିତ ସାୟାହ୍ନର ସ୍ମୃତି ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନଜୀବୀ ବରିଷ୍ଠ ଆଇନଜୀବୀ ଗଗନ ବିହାରି ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା, ଗୋବର୍ଦ୍ଧନ ରାଉତ, ପୂର୍ବତନ ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନ, ରମାକାନ୍ତ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ନିରଂଜନ ବଳ, ଅରୁଣ ପ୍ରସାଦ ଦାସ, ମାନସ ରଂଜନ ଧଳ, ବ୍ରଜସୁନ୍ଦର ରାଉତ, ମନୋଜ ସାହୁ, ଇତିହାସ ଲେଙ୍କା, ସୁରେଶ ନାୟକ,ସ୍ମୃତିରଂଜନ ସିଂ, ଶେଷଦେବ ଦାସ , କୁଞ୍ଜ ବିହାରୀ ପରିଡ଼ା, ଅଜୟ ମହାନ୍ତି, ଶିଶିର ମଲିକ, ବୁଦ୍ଧିଜୀବୀ ଡଃ. ବାସୁଦେବ ଦାସ, କରୁଣାକର ଦାସ, ଅଧାପକ ବିପିନ ବିହାରୀ ବାରିକ, ବୈଷ୍ଣବ ଚରଣ ସ୍ୱାଇଁ, କାର୍ତିକ ଚରଣ ନାୟକ, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, କୃଷ୍ଣଚନ୍ଦ୍ର ଜେନା, ଅନନ୍ତ ଗୋପାଳ ଦାସ, ଧିରେନ୍ଦ୍ର କୁମାର ଦାସ, ସତ୍ୟପ୍ରିୟ ଦାସ, କିଶୋର ପ୍ରଧାନ, ଅକ୍ଷୟ ପ୍ରିୟ ଦାସ, ସତ୍ୟବ୍ରତ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

କେନ୍ଦ୍ରାପଡ଼ା, (ପି.ଏନ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂହିଗାଁ ପଂଚାୟତରେ ଚଚଂକତା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଆଯୋଗ୍ୟ ହିତାଧିକାରୀ ମାନଙ୍କ ନାମ ପ୍ରକାଶ ପାଇଛି । ଅଭିଯୋଗ ମୁତାବକ ଗ୍ରାମ ସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ ସରପଂଚଙ୍କ ମନମୁଖୀ ଗ୍ରାମ ସଭାର ପୁନଃ ତଦନ୍ତ କରିବା ପାଇଁ ଦାବି କରାଯାଇଛି ।

## ବଲାଙ୍ଗୀର ଜିଲ୍ଲାରେ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ଜିଲ୍ଲାର ୧୦ଗୋଟି ବ୍ଲକ ଓ ୪ଗୋଟି ସହରାଂଚଳରେ ଚଳିତ ଫେବୃଆରୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଆଜି ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କୁବେର ଚନ୍ଦ୍ର ମହନ୍ତ ଏହି ସୂଚନା ଦେଇଛନ୍ତି। ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକାରୀ କରାଯାଉଥିବା ବ୍ଲକଗୁଡ଼ିକ ହେଲା ଆଗଲପୁର, ବେଲପଡ଼ା, ବଲାଙ୍ଗୀର, ଦେଓଗାଁ, ପାଟଣାଗଡ଼, ଗୁଡ଼ଭେଲା, ପୁଇଁତଲା, ଖପ୍ରାଖୋଲ, ଲୋଇସିଂହା ଓ ଟୁରେକେଲା। ସେହିପରି ସହରାଂଚଳଗୁଡ଼ିକ ହେଲା ବଲାଙ୍ଗୀର ପୌରାଂଚଳ, ପାଟଣାଗଡ଼, କଂଟାବାଞ୍ଜି ଓ ତୁଷୁରା ବିଜ୍ଞାପିତ ଅଂଚଳ ପରିଷଦ। ଏହି ସମୟ ମଧ୍ୟରେ ଜିଲ୍ଲାର ୧୩ ଲକ୍ଷ ୧୯ ହଜାର ୭୫ ଜନସଂଖ୍ୟାକୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ। ଏଥିସକାଶେ ୫୨୭୬ ଜଣ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ଏବଂ ୫୨୮ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବ ନାହିଁ। ଡିଇସି ବଟିକା ଓ କୃମିନାଶକ ବଟିକା ନିୟୋଜିତ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ପରିବାରର ସଦସ୍ୟ ସଦସ୍ୟାମାନଙ୍କୁ ବୟସ ଅନୁସାରେ ଏହି ବଟିକା ଖୁଆଇବେ। ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ଼ ପାରାସାଇଟମାନେ ନିଷ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି ଏବଂ ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ବୋଲି ଡ଼ ମହନ୍ତ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାରେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ପ୍ରଦାନ, ରାତ୍ରିକାଳୀନ ରକ୍ତ ନମୁନା ସର୍ଭେ, ବ୍ଲକସ୍ତରୀୟ ସମନ୍ୱୟ ବୈଠକ ଏବଂ ମାଇକ୍ରୋପ୍ଲାନ ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ସେ ସୂଚନା ଦେଇଥିଲେ। ସଚେତନତା ନିମନ୍ତେ ଏ ସମ୍ପର୍କିତ ଲିଫଲେଟ ବଂଟନ ଓ ବିଦ୍ୟାଳୟଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଦିବ୍ୟ କିଶୋର ପତି, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସିଦ୍ଧେଶ୍ୱର ମାଝୀ, ଡ. ନମୀତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ବଲାଙ୍ଗୀରର ଜିଲ୍ଲା ସଂଯୋଜକ ସୁରେଶ କୁମାର ସ୍ୱାଇଁଙ୍କ ସମେତ ପ୍ରିଂଟ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଲିଜଧାରୀ ନିୟମ ବୈହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଡ଼ାର କଷବା, କାଳିପୁର, ଭେଙ୍କୁରପୁର, ଦହପଡ଼ା, କଣ୍ଡାକଣ୍ଡିଆ, ଗୟାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ସେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୂତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀରର ମାସିକ ବୈଠକ

ବଲାଙ୍ଗୀର, (ପି.ଏନ): ନୃସିଂହ ମନ୍ଦିର ଠାରେ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବେଠକ ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାଧାରଣ ସଂପାଦକ ମଣିଆ ଗରୁଡ଼ା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ତା ପରେ ଆସନ୍ତା ମାର୍ଚ୍ଚ ମାସରେ ହେବାକୁ ଥିବା ବାର୍ଷିକ ସାଧାରଣ ସଭା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ବୈଠକ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସପିଟାଲ ବଲାଙ୍ଗୀରର ଅଧକ୍ଷ ଏବଂ ଏକ୍‌ସିଆ ବଲାଙ୍ଗିର ମୁଖ୍ୟ ପରିଚାଳକ ଙ୍କୁ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ନିମନ୍ତ୍ରଣ କରିବା ପାଇଁ ଧାର୍ଯ୍ୟ କରାଗଲା । ଏହା ପରେ ଯେଉଁ ସଭ୍ୟଙ୍କୁ ୮୦ ବର୍ଷ ବୟସ କିମ୍ବା ଅଧିକ ବୟସ ହୋଇଯାଇଛି ସେମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଜିକାର ବୈଠକରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଓ ପ୍ରସନ୍ନ କୁମାର ମିଶ୍ର,ରଘୁନାଥ ମିଶ୍ର ଏବଂ ସଭ୍ୟ ମହାଦେବ ତ୍ରୁମୁନିଆ, ଲୋକନାଥ ନେପାକ, ଚାଷୀ ବରାଡ, ଦଶରଥ ବାଘ, ଅଶୋକ କୁମାର ଦାଶ ଏବଂ ଶ୍ରୀଵାତ୍ସ କର ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ସଭ୍ୟ କୃଷ୍ଣଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ୍.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ୍.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟିତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରିକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରଙ୍କୁ ଘେରିଦେଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର । ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତିଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମ୍‌ୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର । ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ । ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି । ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି । ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି । ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଝକ୍ଷସ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## କେନ୍ଦ୍ରାପଡ଼ା ଜିଲ୍ଲାରେ ଆରମ୍ଭ ହେବ କୃଷି ଗଣନା କାର୍ଯ୍ୟକ୍ରମ


କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲା ସ୍ତରୀୟ କୃଷି ଗଣନା ସଂପର୍କିତ ତାଲିମ ଶିବିର ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପିଆଣ୍ଡଏସ୍‌ର ସହକାରୀ ନିର୍ଦ୍ଦେଶକ ଆରତୀ ନାୟକଙ୍କ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରାଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମରେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଏହି ଶିବିରରେ ଭବିଷ୍ୟତ କୃଷି ସଂପର୍କିତ ଯାଜନାରେ ସହାୟକ ହେବାକୁ ସମସ୍ତ ଗଣନାକାରୀ, ସୁପରଭାଇଜର, ତହସିଲଦାର, ଅତିରିକ୍ତ ତହସିଲଦାର, ଆରଆଇ, ଏଆରଆଇ, ଅମୀନ, ଭିଏଡବ୍ଲୁ, ଏସ.ଏଫ.ଏସ୍, ଏସ.ଏଫ.ଆଇ, ନିରୀକ୍ଷକ ଏବଂ ଏସଓ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ କୃଷି ଗଣନାର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରିଥିଲେ ।

## ଟିକାବାଲି ଠାରେ ଆନ୍ତଃ ଜିଲ୍ଲା ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଫୁଲବାଣୀ ନେହେରୁ ଯୁବକେନ୍ଦ୍ର ତରଫରୁ ଅନ୍ତଃ ଜିଲ୍ଲା ଯୁବ ସଂସଦ କାର୍ଯ୍ୟକ୍ରମ ଅଧକ୍ଷ ଦିନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନରେ ଅଧକ୍ଷ ରଦନ ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନର ଅଧକ୍ଷ ଅଧିକାରୀ ପ୍ରବୀଣ ବଣୁଆ ଯୋଗଦେଇ କହିଲେ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ତାଙ୍କୁ ସମାଜରେ ପ୍ରତିଷ୍ଠିତ କରେ। ନେହରୁ ଯୁବ କେନ୍ଦ୍ରର ଯୁଥ୍ ଅଫିସର୍ ନବନୀତ୍ କୁମାର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନର ଉପାଧକ୍ଷା ଶ୍ରୀମତି ନଳିନୀ କହଁର, ଟିକାବାଲି ସରପଂଚ କୁନ୍ଦୁର ମଲ୍ଲିକ, ଅଧାପକ ବନମାଳି ବେହେରା, ମୋନାଜ୍ ପଟ୍ଟନାୟକ, ସତ୍ୟବାନ୍ ଦଳବେହେରା, ଅଧାପିକା ନିବେଦିତା ଭୋଇ, ଶିବାନୀ କହଁର, ଚମ୍ପା ସରେନ୍, ଅଧାପକ ବିରୁପମି ମିଶ୍ର, ସନ୍ତୋଷ ରଥ, ରତନ ଦିଗାଲ, ଜ୍ଞାନରଞ୍ଜନ ଭୋଇ ମଂଚାସୀନ ଥିଲେ। ତର୍କ ପ୍ରତଯୋଗିତାର ଆଦ୍ୟାଶା ପଟ୍ଟନାୟକ ପ୍ରଥମ କୁଳମଣୀ କହଁର ଦ୍ୱିତୀୟ ନିର୍ଝର ଦିଗାଲ ତୃତୀୟ ସ୍ଥାନ ପାଇ ମନପ୍ରାଣ ସହ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏଥିରେ ଫୁଲବାଣୀର ଫ୍ରେଣ୍ଡ୍ ୟୁଥ୍ କ୍ଲବ୍, ନେହରୁ ଯୁବ କେନ୍ଦ୍ରର ମିନି କହଁର ଏବଂ ସ୍ୱାଟି କହଁର, ଟିକବଲି କଲେଜର ଆୟୁବ ଦିଗାଲ ଏବଂ ସ୍ନେହରଣି ପଟ୍ଟନାୟକ ଟ୍ରଫି ସହ ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଅଧାପକ ଅଧାପିକା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ବିଶାଲ ନାୟକ, ଭଜମନ ବେହେରା, ଅଞ୍ଜଳି କହଁର, ଜ୍ୟୋତିର୍ମୟୀ ପ୍ରଧାନ ସୋହଯୋଗ କରିଥିଲେ। ଅଧାପକ ସୁରଜ୍ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନବନିର୍ମାଣ କୃଷକ ସଂଗଠନ ୮ ତାରିଖ ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସ ଘେରାଉ କରିବ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟ ସମଲେଇ ଠାରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିତିନ ପଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ପୁରୀ ଜିଲ୍ଲା କୃଷକ ସଂଗଠନର ପ୍ରଭାରୀ ଚିନୁ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ। ବୈଠକରେ ଚାଷୀମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଏବଂ ତେଲେଙ୍ଗାନା ସରକାର ଚାଷୀଙ୍କୁ ଧାନର ଉଚିତ ମୂଲ୍ୟ ଦେବାସହ ବାର୍ଦ୍ଧକ୍ୟ ଭତା ଦୁଇହଜାର ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ ଓଡ଼ିଶା ସରକାର ଚାଷୀଙ୍କୁ ଅଣଦେଖା କରିବା ସହ ବାର୍ଦ୍ଧକ୍ୟ ଭତା ୫ଶହ ଟଙ୍କା ଦେଉଛନ୍ତି। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏଣୁ ଆଗାମୀ ୮ ତାରିଖ ଦିନ ବିଭିନ୍ନ ଦାବି ଯଥା ବାର୍ଦ୍ଧକ୍ୟ ଭତା ୨ହଜାର ପ୍ରଦାନ କରିବା, ଧାନ କ୍ୱିଂଟାଲ ପିଛା ୨୯୩୦ ଟଙ୍କା ଘୋଷଣା କରିବା, କୃଷିଋଣ ଛାଡ଼ କରିବା, ଚାଷୀଙ୍କ ପାଇଁ ଏକର ପିଛା ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ଚାଷକାର୍ଯ୍ୟ ପାଇଁ ମାଗଣା ବିଦ୍ୟୁତ ପ୍ରଦାନ କରିବା, ସମସ୍ତ ବକେୟା ବିଦ୍ୟୁତ ବିଲ ଛାଡ଼ କରିବା ଆଦି ବିଭିନ୍ନ ଦାବିନେଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବା ନେଇ ପ୍ରସ୍ତାବ ହୋଇଥିଲା। ଏହି ଆନ୍ଦୋଳନରେ ହଜାର ହଜାର ଚାଷୀ ସାମିଲ ହେବା ପାଇଁ କୃଷକ ସଂଗଠନର ପ୍ରଭାରୀ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାଦେବ ତରିଆ, ତ୍ରିଲୋଚନ ନାକଏ, ବୀର ପଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହିଥିଲେ।




# ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଏକ ଦୁର୍ବାର ଆନ୍ଦୋଳନ କରାଯିବ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ନାଗରିକ ମହାମଞ୍ଚ କାର୍ଯ୍ୟାଳୟ, ଗଙ୍ଗନଗରଠାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଜୋରଦାର୍ ଆନ୍ଦୋଳନ କରାଯିବା ସହିତ ଏ ଦିଗରେ ବିହିତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରିବା ଉଚିତ ବୋଲି ମହାମଞ୍ଚ ପକ୍ଷରୁ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି। ମହାମଞ୍ଚର ଅନ୍ୟ ସଦସ୍ୟ ଓଡ଼ିଶା ପୂର୍ଣ୍ଣାଙ୍ଗ ନ୍ୟାସ ମଣ୍ଡଳୀର ସୀତାବଲ୍ଲଭ ମହାପାତ୍ର, ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡ଼ା, ସୀମାନ୍ତ ପ୍ରହରୀ ଜଗଦୀଶ ବକ୍ସିପାତ୍ର, ବି ମୁରଲୀଧର, ନାରାୟଣ ଓଝା, ସୁନୀଲ ମିଶ୍ର ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀ କରି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ଶତପଥୀ ମତବ୍ୟକ୍ତ କରିଥିଲେ ଯେ, ୧୯୬୮ ମସିହାରେ ଆନ୍ଧ୍ର ପ୍ରଦେଶର ଏକ ପୋଲିସ୍ ଦଳ କୋଟିଆ ଅଞ୍ଚଳକୁ ସର୍ବପ୍ରଥମେ ଅନଧିକାର ପ୍ରବେଶ କରିଥିଲେ। ଓଡ଼ିଶା ସରକାର ଏହାର ଦୃଢ଼ ପ୍ରତିବାଦ କରି ବିଫଳ ହେବାରୁ ତା୧୨.୦୯.୧୯୬୮ ମସିହାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଦୁଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଆସାମ ସମସ୍ୟାର ସମାଧାନ କରିପାରୁଛନ୍ତି, ମାତ୍ର ଓଡ଼ିଶା କ୍ଷେତ୍ରରେ ନୀରବଦ୍ରଷ୍ଟା ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ବର୍ତ୍ତମାନ ବାରମ୍ବାର ଆନ୍ଧ୍ର କୋଟିଆ ଏବଂ ଆଖପାଖର ବିଚ୍ଛିନ୍ନାଞ୍ଚଳ ଉପରେ ନଜର ରଖିବା ସହିତ କଳେବଳେକୌଶଳେ ଆମ ଅଞ୍ଚଳ ହାତେଇବାକୁ ଚେଷ୍ଟା କରିଛି। ଏ ଦିଗରେ ଗତ ବର୍ଷ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଆଶୁ ସମାଧାନ ବାହାରି ପାରିଲା ନାହିଁ। କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ବେଳେ ଓଡ଼ିଶା ସରକାର ନିଦାବିଷ୍ଣୁ ସାଜିଛନ୍ତି ବୋଲି ମହାମଞ୍ଚ ପକ୍ଷରୁ କୁହାଯାଇଛି। ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ବ୍ୟାପକ ଭାବରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ମହାମଞ୍ଚ ପକ୍ଷରୁ ମତବ୍ୟକ୍ତ କରାଯାଇଥିଲା। ସ୍ୱର୍ଗତଃ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସୀମାନ୍ତ ଆନ୍ଦୋଳନର ନେତୃତ୍ୱ ନେଇ କିଛି ମାତ୍ରାରେ ସଫଳ ହୋଇଥିଲେ ମଧ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପାଇଁ ଆମେ ଆମର ଅଞ୍ଚଳ ଏପର୍ଯ୍ୟନ୍ତ ଫେରି ପାଇପାରିଲୁ ନାହିଁ। ଏହି ପରିପ୍ରେକ୍ଷୀରେ ସମସ୍ତ ସଂଗଠନ, ବୁଦ୍ଧିଜୀବୀ, ସ୍ୱାଭିମାନୀ ଓଡ଼ିଆ ଆଗେଇ ଆସିବା ସହିତ ଓଡ଼ିଶାର ସମ୍ମାନ ସ୍ୱାଭିମାନ ଓ ଆମ ଅଞ୍ଚଳ କିପରି ଆମେ ଫେରି ପାଇପାରିବା, ତାହା ଉପରେ ଗଭୀର ଭାବରେ ଚିନ୍ତନ କରିବାର ସମୟ ଉପନୀତ ବୋଲି କୁହାଯିବା ସହିତ ଆନ୍ଧ୍ର ବାରମ୍ବାର କୋଟିଆରେ ସାଧାରଣ ଜନତାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବା ସହିତ ଅରାଜକତା ସୃଷ୍ଟି କରୁଛି ବୋଲି ମହାମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମହାମଞ୍ଚ ପକ୍ଷରୁ ବିଜୟ ପରିଡ଼ା, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

## ଓମେନ୍ସ ସଂଗଠନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଭୁବନେଶ୍ୱର (ପିଏନ୍): ବିଶ୍ୱ ମାତୃ ଦିବସ, ବିଶ୍ୱ ରେଡକ୍ରସ୍ ଦିବସ ଏବଂ ବିଶ୍ୱ ଥାଲାସେମିଆ ଦିବସ ଅବସରରେ ଓଡ଼ିଶାର ପୁରାତନ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓମେନ୍ସ' ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ଶିକ୍ଷାକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଶୋଭାଦେବୀ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଆମ ରାଜ୍ୟ ଓଡ଼ିଶାରେ ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ଶିଶୁ ଥାଲାସେମିଆ ରୋଗରେ ପୀଡ଼ିତ। ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ସାତଶହରୁ ଉର୍ଦ୍ଧ୍ୱ ଶିଶୁ ଏହି ରୋଗରେ ପୀଡ଼ିତ ବୋଲି ମତ ପ୍ରକାଶ ପାଇଛି। ଦୈନିକ ରୋଗୀମାନଙ୍କ ନିମନ୍ତେ ଆବଶ୍ୟକତା ପଡୁଥିବା ରକ୍ତଠାରୁ କମ୍ ପରିମାଣର ରକ୍ତ ମହଜୁଦ୍ ଥିବାରୁ ଅନେକ ଥାଲାସେମିଆ ପୀଡ଼ିତ ଶିଶୁମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓମେନ୍ସ ସଂଗଠନ ତରଫରୁ ଏଭଳି ପ୍ରୟାସ କରାଯାଇଛି।

ଓମେନ୍ସ ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ସରୋଜିନୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨ ନମ୍ବର ୱାର୍ଡ଼ର କର୍ପୋରେଟର, ସମାଜସେବୀ ସୁଧା ମହାପାତ୍ର, କୃଷ୍ଣ ପ୍ରସାଦ ବାରିକ, ଗିରିଶ ମିଶ୍ର, ସୋନାଲି ମଧୁସ୍ମିତା ମହାନ୍ତି, ବାପୁଜୀ ପ୍ରଧାନ, ସୁମିତ୍ରା ମଧୁସ୍ମିତା ମହାନ୍ତି ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

## ଓଡିଶା ଟେନିସ୍ କ୍ରିକେଟ ଟିମ୍‌ରେ ସ୍ଥାନ ପାଇ ସଫଳତା ପାଇଲେ କେନ୍ଦୁଝରର ସାଇଓମ୍ ବିଭୂଶଙ୍କର ଏବଂ ରାଜେଶ ଜେନା




କେନ୍ଦୁଝର (ପିଏନ୍): ସଦ୍ୟ ସମାପ୍ତ ଚତୁର୍ଥ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡିଶା ପ୍ରତିନିଧିତ୍ୱ କରିବାର ସୁଯୋଗ ସାଇଓମ୍ ବିଭୂଶଙ୍କର ଓ ରାଜେଶ ବୋଲିଂରେ ଦଳ ପାଇଁ ବେଶ୍ ହୋଇଥିଲେ। ରାଷ୍ଟ୍ରୀୟ ସ୍ତରରେ ଏହି ସିରିଜରେ ଉତ୍ତମ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରି ସିରିଜରେ କରିଥିବା ବେଳେ ସାଇଓମ୍ ଉଇକେଟ୍ ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡିଶା ଦଳ ଉନ୍ନତ ପଶ୍ଚିମବଙ୍ଗରେ ଆୟୋଜିତ ଟେନିସ୍ କ୍ରିକେଟ ଦଳ ତରଫରୁ ପାଇଥିଲେ କେନ୍ଦୁଝରର ଜେନା। ଉଭୟ ବ୍ୟାଟିଂ ଓ ଉପଯୋଗୀ ସାବ୍ୟସ୍ତ ପ୍ରତିଯୋଗିତାରେ ରାଜେଶ ଛତିଶଗଡ ବିପକ୍ଷରେ ମୋଟ୍ ୧୪୬ ରନ୍ ସଂଗ୍ରହ ସିରିଜରେ ୫ଟି ମ୍ୟାଚ୍‌ରେ ୧୦ ଚତୁର୍ଥ ଇଷ୍ଟ ଜୋନ୍ କ୍ରିକେଟ ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ମାତ୍ର ପଶ୍ଚିମବଙ୍ଗଠାରୁ ଫାଇନାଲରେ ପରାଜୟ ବରଣ କରି ଉପବିଜେତା ହୋଇଛି। ସାଇଓମ୍ ଓ ରାଜେଶ ଏହି ଟୁର୍ଣ୍ଣାମେଣ୍ଟର ସଫଳତା ପାଇବା ପରେ ବର୍ତ୍ତମାନ ଅଲ ଇଣ୍ଡିଆ ଟେନିସ କ୍ରିକେଟ ସଂଘ ଏବଂ ଓଡିଶା ଟେନିସ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଅଲ୍ ଇଣ୍ଡିଆ ଫେଡରେସନ୍ କପ୍‌ରେ ଭାଗ ନେଇ ଉତ୍ତମ ଖେଳ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଅଛନ୍ତି ବୋଲି କହିଛନ୍ତି ସାଇଓମ୍। ସୂଚନାଯୋଗ୍ୟ ଯେ ଗତ ମାସରେ ଆୟୋଜିତ ହୋଇଥିବା ଅଲ ଇଣ୍ଡିଆ ଫେଡରେସନ କପ୍‌ରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଭାରତୀୟ ଟେନିସ କ୍ରିକେଟ ଟିମ୍ ପକ୍ଷରୁ ଚୟନ ହୋଇ ଭାରତୀୟ କ୍ରିକେଟ ଦଳ ତରଫରୁ ପ୍ରତିନିଧିତ୍ୱ କରି ବାଙ୍ଗାଲ ଦେଶରେ ଖେଳିବାକୁ ସୁଯୋଗ ପାଇବେ।

# ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !



ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି। ପ୍ରତିବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ ମାଟ୍ରିକ ଓ ୫ ଲକ୍ଷରୁ ଉର୍ଦ୍ଧ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି। କିନ୍ତୁ ଯୁକ୍ତତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ। ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି। ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାରଙ୍କର ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ। ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର। ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି। ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା। ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ। ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି। ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ। ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ। ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି। ଫଳରେ 'ମରାଠୀମାନୁଷ'ବାଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠୀ ସଂଗଠନ ପ୍ରତିବାଦ କରିଥିଲେ। ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା। ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ। ବେକାରୀ ସମସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ। ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି। ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ। ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଉର୍ଦ୍ଧ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି। ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟ ସିଟ୍ ଖାଲି ପଡୁଛି। ରାଜ୍ୟମାନଙ୍କରେ ଏପରି ଦୟନୀୟ ଶିକ୍ଷାବ୍ୟବସ୍ଥା ଲାଗିରହିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଇଂଜିନିୟରିଂ କଲେଜ ଖୋଲିବା ପାଇଁ ମଂଜୁର ପ୍ରଦାନ କରୁଛନ୍ତି ଯାହା ନିହାତି ବିଚାରଯୋଗ୍ୟ। ଏପରି ସମୟରେ ବାହାର ଦେଶର ବୈଷୟିକ ଜ୍ଞାନପ୍ରାପ୍ତ ଯୁବକଯୁବତୀମାନଙ୍କୁ ଆଉ ବ୍ରିଟେନ, ଆମେରିକା ତଥା କେତେକ ୟୁରୋପୀୟ ଦେଶରେ ନନେବା ପାଇଁ ପଦକ୍ଷେପ ନେବା ଚିନ୍ତାର ବିଷୟ। ଏଭଳି ସମୟରେ ଆମ ରାଜ୍ୟରେ ଥିବା ଇଂଜିନିୟରିଂ କଲେଜରେ ପଲିଟେକନିକ୍ ଶିକ୍ଷାବ୍ୟବସ୍ଥା ସହିତ ଶିକ୍ଷିତ ବେକାରମାନଙ୍କୁ ବୃତ୍ତିଗତ ଶିକ୍ଷାଦେଇ ସେମାନଙ୍କୁ ନିଜ ରାଜ୍ୟରେ ନିଯୁକ୍ତି ଦେବା ବୁଦ୍ଧିମାନର କାର୍ଯ୍ୟ ହେବ। ବାହାର ରାଜ୍ୟରୁ ଆସି ଓଡିଶାରେ ଶିଳ୍ପସ୍ଥାପନ କରିଥିବା ବ୍ୟବସାୟୀ ଓ ଶିଳ୍ପସଂସ୍ଥାମାନେ ଓଡିଶା ବାହାରୁ ଲୋକ ଆଣି ଆମ ରାଜ୍ୟରେ ନିଯୁକ୍ତି ଦେଉଥିବାରୁ ଆମ ରାଜ୍ୟର ନିଯୁକ୍ତି ସମସ୍ୟା ସମାଧାନର ବାଟ ଫିଟିପାରୁନାହିଁ। କେବଳ ଯେଉଁ କ୍ଷେତ୍ରରେ ଓଡିଶାରେ ଉଚ୍ଚ ବୃତ୍ତିଗତଧାରୀଙ୍କ ଅଭାବ ରହିଛି କେବଳ ସେହି କ୍ଷେତ୍ରରେ ବାହାର ରାଜ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଗ୍ରହଣ କରାଯାଇପାରେ।

**ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

# ସରକାରୀ ଜାଗା ଜବରଦଖଲ, ତହସିଲଦାରଙ୍କ ଅଭିଯୋଗ ପରେବି ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ସାନବଡ ଗୋପାଳପୁର ଗ୍ରାମରେ ଜଣେ ସରକାରୀ କର୍ମଚାରୀ ସରକାରୀ ଜାଗାକୁ ଜବରଦଖଲ କରି ଇଟା, ପାଚେରୀ ଆଦି ନିର୍ମାଣ କରୁଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ରାଜନଗର ଥାନା ଅନ୍ତର୍ଗତ ବିଲିକଣା ଗ୍ରାମର ଜନୈକ ସରକାରୀ କର୍ମଚାରୀ ନଳିନୀକାନ୍ତ ରାଉତରାୟ ଗର୍ଜନପୁର ଗ୍ରାମରେ ଥିବା ପ୍ଲଟ୍ ନଂ-୪୩୮ ଏରିଆ ୪ ଡିସିମିଲ୍ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲ କରି ଏକ ଇଟା ପାଚେରୀ ନିର୍ମାଣ କରିଛନ୍ତି। ସେହି ପ୍ଲଟ ଉପରେ ସେହି ଗ୍ରାମର ଭୂମିହୀନ ରତିକାନ୍ତ ମହାନ୍ତିଙ୍କ ପତ୍ନୀ ସୁଲୋଚନା ମହାନ୍ତି ଏକ ଅସ୍ଥାୟୀ ଘର କରି ରହୁଥିଲେ। ନଳିନୀକାନ୍ତ ସେହି ଘରକୁ ଜେ.ସି.ବି ଲଗାଇ ଭାଙ୍ଗିଦେଇ ସେହି ଜମିକୁ ନିଜ ଦଖଲକୁ ନେଇଯାଇଥିଲେ। ଏହି ଘଟଣାକୁ ନେଇ ସୁଲୋଚନା ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହିତ ସ୍ଥାନୀୟ କୋର୍ଟରେ ୨୦୨୧ ମସିହା ଅକ୍ଟୋବର ମାସ ୨୧ ତାରିଖରେ ଏକ ମାମଲା ରୁଜୁ କରିଥିଲେ। ସେହି ବିବାଦୀୟ ଜମି ଉପରେ କୋର୍ଟ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଏହାପରେ ନଳିନୀକାନ୍ତ ଉକ୍ତ ଜମି ଉପରେ୧୪୪ ଧାରାକୁ ଅମାନ୍ୟ କରି ଇଟା ପାଚେରୀ ନିର୍ମାଣ କରୁଥିବା ସମ୍ପର୍କରେ ସୁଲୋଚନା ରାଜନଗର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ସ୍ଥାନୀୟ ଆର.ଆଇ.ଙ୍କ ଦ୍ୱାରା ତଦନ୍ତ କରାଇ ସରକାରୀ ଜମି ଉପରେ ପାଚେରୀ ନିର୍ମାଣ କରାଯାଇଥିବାର ଜାଣି ରାଜନଗର ଥାନାରେ ନଳିନୀକାନ୍ତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତି କରି ରାଜନଗର ଥାନା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲେ। କିନ୍ତୁ ଘଟଣାଟି ଗତ ମାସ ୫ ତାରିଖରେ ଘଟିଥିଲେ ମଧ୍ୟ ଅଦ୍ୟାବଧି ସମ୍ପୃକ୍ତ କର୍ମଚାରୀଙ୍କୁ ପୋଲିସ ଗିରଫ କରିନଥିବା ଅଭିଯୋଗ ହୋଇଛି। ଶ୍ରୀ ରାଉତରାୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଆଇନକୁ ନିଜ ହାତକୁ ନେଇ ଜଣେ ଭୂମିହୀନ ମହିଳାଙ୍କୁ ସରକାରୀ ଜମିରୁ ହଟାଇ ସେହି ଜମିକୁ ଜବରଦଖଲରେ ରଖିଛନ୍ତି। ଏପରିକି ଉପ-ଜିଲ୍ଲାପାଳ ସେହି ସରକାରୀ ଜମି ଉପରେ ବେଆଇନ ନିର୍ମାଣକୁ ଭାଙ୍ଗି ଦେବା ପାଇଁ ରାଜନଗର ତହସିଲଦାର ଏବଂ ଥାନାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ପିଡିତା ମହିଳା ଜଣକ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଥିବା ଜଣାପଡିଛି।

## ବଙ୍ଗାରି ଗ୍ରାମରେ ବୃଷଭ ପ୍ରତିଷ୍ଠା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ପଞ୍ଚାୟତର ବଙ୍ଗାରି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୂତନ ଭାବେ ବୃଷଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଯଜ୍ଞ ଓ ଆଳତୀ କରାଯାଇଥିଲା। ବଙ୍ଗାରି ଗ୍ରାମବାସୀ ତଥା ବୃଷଭ କମିଟିର ସଦସ୍ୟମାନଙ୍କ ମଧ୍ୟରେ ପୂଜକ ବୁଲୁ କର, କର୍ତ୍ତା ରମେଶ ସ୍ୱାଇଁ, କୁଳମଣୀ ବେହେରା, ଗଜେନ୍ଦ୍ର ସ୍ୱାଇଁ, ଗୋଲକ ସ୍ୱାଇଁ, ତପନ ପ୍ରଧାନ, ଅନ୍ତେଶ ମଲ୍ଲ, ସୁରେନ୍ଦ୍ର ଜେନା, ସୁକାନ୍ତ ବେହେରା, ପ୍ରହଲ୍ଲାଦ ସାହୁ, ଅଟଳ ପ୍ରଧାନ, ଧନେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିଥିଲେ।

## ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ନେଇ ଅସନ୍ତୋଷ

ଫୁଲନଖରା (ପିଏନ୍)-ସଦର ଥାନା ସଇନ୍ଧା ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଜନୈକା ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ଏକ ସାମ୍ବାଦିକ ସଂଘ ପକ୍ଷରୁ ସମ୍ମାନିତ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ବିରୋଧ କରି ତାଙ୍କୁ ବିଦ୍ୟାଳୟରୁ ତୁରନ୍ତ ହଟାଇବା ପାଇଁ ସ୍ଥାନୀୟ ଲୋକେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଏପରିକି ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାରୀ ସ୍ତରରେ ତାଙ୍କ ବିରୁଦ୍ଧରେ ତଦନ୍ତ ମଧ୍ୟ ଚାଲିଛି। ସରକାରୀ ଶିକ୍ଷୟିତ୍ରୀ ହୋଇ ଏଇ ନିକଟରେ ଗଣମାଧ୍ୟମରେ ମିଥ୍ୟା ବୟାନବାଜିକୁ ନେଇ ପରିସ୍ଥିତି ସରଗରମ ଥିଲାବେଳେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଦୃଢ଼ ନିନ୍ଦା କରିଛନ୍ତି। ଏ ବାବଦରେ ସମ୍ପୃକ୍ତ ସାମ୍ବାଦିକ ସଂଘର ଜିଲା ସଭାପତି ଦୁଃଖ ପ୍ରକାଶ କରିବା ସହିତ ସମ୍ବର୍ଦ୍ଧିତ ବ୍ୟକ୍ତି ଚୟନରେ ତ୍ରୁଟି ରହିଥିବା ସ୍ୱୀକାର କରିଥିଲେ। ଅପରପକ୍ଷରେ ନିଜ ବିରୁଦ୍ଧରେ ତଦନ୍ତ ଚାଲିଥିବାରୁ ଠିକ ଏଇ ସମୟରେ ଏପରି ଏକ ସମ୍ମାନ ହାତେଇଲେ ତାହା ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବ ବୋଲି ଜାଣି ବେଶ ଚତୁରତାର ସହ ଶିକ୍ଷୟିତ୍ରୀ ଜଣକ ଏ ସମ୍ବର୍ଦ୍ଧନା ପାଇବାକୁ କୌଶଳ ଆପଣେଇଥିବା ଜଣାପଡ଼ିଛି। ଉକ୍ତ ସମ୍ବର୍ଦ୍ଧନା ପାଇବାକୁ ସଂଘର ଦୁଇଜଣ କର୍ମକର୍ତ୍ତା ଶିକ୍ଷୟିତ୍ରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ମଧ୍ୟ ଆଦାୟ କରିଥିବା କୁହାଯାଉଛି। ତେବେ ଏହି ଘଟଣାକୁ ନେଇ ସଇନ୍ଧା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ରେଞ୍ଜରଙ୍କ ହେପାଜତରେ ଅଭିଯୁକ୍ତର ମୃତ୍ୟୁ ଅଭିଯୋଗ ମାମଲା

ଆଠଗଡ଼,(ପି.ଏନ): ରେଞ୍ଜରଙ୍କ ହେପାଜତରେ ଅଭିଯୁକ୍ତ କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ୫୯ ବର୍ଷିୟ ଧନେଶ୍ୱର ବେହେରାଙ୍କ ମୃତ୍ୟୁ ଅଭିଯୋଗ ମାମଲାରେ ଅଟକ ବନ କର୍ମଚାରୀଙ୍କୁ ଆଜି ଦ୍ୱିତୀୟ ଦିନରେ ପୋଲିସର ଜେରା ଜାରୀ ରହିଛି। ଆଠଗଡ଼ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ ଓ କଟକ ଗ୍ରାମାଚଂଳ ଅତିରିକ୍ତ ଏସପି କୃଷ୍ଣପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ ଗତକାଲି ସେମାନଙ୍କୁ ଜେରା କରାଯାଇଥିଲା। ଘଟଣାରେ ଆଠଗଡ଼ ପୋଲିସ ଆଠଗଡ଼ ବନଖଣ୍ଡର ଦୁଇ ଏସିଏଫ ଘନଶ୍ୟାମ ମୁଦୁଲି ଓ ହରେକୃଷ୍ଣ ମଲ୍ଲିକ, ବଡ଼ମ୍ବା ରେଞ୍ଜର ସୁବ୍ରତ ବେହେରାଙ୍କ ସମେତ ୧୪ ଜଣ ବନ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି। ଅଭିଯୁକ୍ତଙ୍କ ବିରୋଧରେ ୩୦୨, ୪୦୧ ସହିତ ଅନ୍ୟାନ୍ୟ ଦଫାରେ ବଡ଼ମ୍ବା ଥାନାରେ ମାମଲା ରୁଜୁ ହୋଇଛି। ପ୍ରକାଶ ଥାଉକି, ହାତୀ ଶିକାର କରିବା ଓ ଦାନ୍ତ କାଟିବା ଅଭିଯୋଗରେ ଗତ ୫ ତାରିଖରେ ବଡ଼ମ୍ବା ରେଞ୍ଜ ର ବନକର୍ମଚାରୀମାନେ ଧନେଶ୍ୱରଙ୍କୁ ଘରୁ ଉଠାଇ ନେଇଥିଲେ। ରେଞ୍ଜର ସୁବ୍ରତ ବେହେରାଙ୍କ ହେପାଜତରେ ରଖି ଧନେଶ୍ୱରଙ୍କୁ ପଚରାଉଚରା କରାଯାଉଥିଲା। ତେବେ ଗତକାଲି ଭୋରରୁ ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଧନେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡର ଦାଗ ରହିଛି। ଯାହାକୁ ନେଇ ଧନେଶ୍ୱରଙ୍କୁ ବନ କର୍ମଚାରୀମାନେ ପିଟି ପିଟି ମାରି ଦେଇଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗତକାଲି ସେଠାରେ ଉତେଜନା ପ୍ରକାଶ ପାଇଥିଲା। ଘଟଣାର ପ୍ରତିବାଦରେ ସାତଗୋଛିଆ ଗ୍ରାମବାସୀଙ୍କ ପକ୍ଷରୁ ବଡ଼ବାରସିଂହ ନିକଟରେ ୬୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରାଯାଇଥିଲା। ଉତ୍ୟେକ୍ତ ଲୋକେ ବାଣପୁର ବିଟ୍ ହାଉସରେ ଭଙ୍ଗାରୁଜା କରିବା ସହ ସେଠାରେ ନିଆଁ ଲଗାଇ ଦେଇଥିଲେ। ତେବେ ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡର ଦାଗ ରହିଥିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଧନେଶ୍ୱରଙ୍କ ମୃତ୍ୟୁ କିପରି ଘଟିଲା ତାହା ସ୍ପଷ୍ଟ ହେବ ବୋଲି ଜଣାପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୨ ତାରିଖରେ ବଡ଼ମ୍ବା ରେଞ୍ଜ୍ ମାଣିଆବନ୍ଧ ବିଟ୍ ଅଧିନ ହିପିଣ୍ଡା ସଂରକ୍ଷିତ ଜଙ୍ଗଲରୁ ଗୁଳିବିଦ୍ଧ ଦନ୍ତାହାତୀର ମୃତଦେହ ଠାବ ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଶ୍ରମିକଙ୍କୁ ନେଇ ଯାଉଥିବା ପିକଅପ ଓଲଟିଲା,୧୪ ଜଣ ଶ୍ରମିକ ଆହତ



ବରଗଡ୍,(ପି.ଏନ): ବରଗଡ-ବିଜେପୁର ରାସ୍ତାର ଝାଡେଶ୍ୱର୍ ମନ୍ଦିର ପାଖରେ ୨୨ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଛି। ଦୁର୍ଘଟଣାରେ ଗାଡିର ଡ୍ରାଇଭର ସମେତ ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ଏମାନେ ସମସ୍ତେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ସିଂହେନ ମୁଣ୍ଡା, ସୁନାରିପାଲି ଏବଂ କୁର୍ଲୁବାହାଲ ଗ୍ରାମର ବୋଲି ଜଣାପଡ଼ିଛି। ଏମାନେ ସମସ୍ତେ ବରଗଡ ସଦର ବ୍ଲକ ଅଡଗାଁକୁ କୃଷି କାମ ପାଇଁ ଆସିଥିବା ବେଳେ ଆଜି ସେମାନେ ନିଜ ଗାଁକୁ ଫେରୁଥିଲେ। ତେବେ ବିଜେପୁର ରାସ୍ତାର ଝାଡେଶ୍ୱର୍ ମନ୍ଦିର ପାଖରେ ରାସ୍ତା କାମ ଚାଲିଥିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ ମାଟିଗଦା ଉପରକୁ ମାଡ଼ିଯାଇ ରାସ୍ତା କଡକୁ ଓଲଟି ପଡିଥିଲା। ଯାହାଫଳରେ ଗାଡ଼ିରେ ବସିଥିବା ୨୨ ଜଣକ ମଧ୍ୟରୁ ୧୪ ଜଣ ଆହତ ହୋଇଥିଲେ। ବହୁ ଶ୍ରମିକଙ୍କ ମୁଣ୍ଡ ଫାଟି ଯାଇଛି। ହାତ ଓ ଗୋଡ ହାଡ ଭାଙ୍ଗି ଯାଇଛି।

## ପୁରୀ ସେଂଟ ଜୋନ ଆମ୍ବୁଲାନ୍ସ ର ସେଂଟଜୋନଆମ୍ବୁଲାନ୍ସ ପକ୍ଷରୁ ପ୍ରୟାଗ ରାଜରେ ସେବାକାର୍ଯ୍ୟ

ପୁରୀ,(ପି.ଏନ):ଉତରପ୍ରଦେଶର ପ୍ରୟାଗରାଜ ରେ ସେବା ଯୋଗାଇଲେ ଜୋନ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ଡିଭିଜନ ପୁରୀର ସ୍ୱେଚ୍ଛାସେବୀ। ଗତ ୨ତାରିଖରୁ ଓଡିଶାରୁ ଯାଇ ସେଂଟଜୋନ ଆମ୍ବୁଲାନ୍ସ ର ଶିବିରରେ ଯୋଗଦାନ କରି ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତ୍ରିବେଣୀ ସଙ୍ଗମ ରେ ସେବା କାର୍ଯ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମାକ୍ସ ବଂଟନ, ପ୍ରାଥମିକ ଚିକିତ୍ସା ସେବା ଯୋଗାଇଥିଲେ। ଏହି ଜାତୀୟ ସ୍ତରୀୟ କ୍ୟାମ୍ପରେ ଓଡିଶାରୁ ୧୦ଜଣ ଯୋଗଦାନକରି ଟେଂଟରେ ଦିନ ଠାରୁ ରାତି ପର୍ଯ୍ୟନ୍ତ ରହି ଚିକିତ୍ସା ସେବା ଯୋଗାଇଥିଲେ। ଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ପ୍ରୟାଗ ରାଜ ର ସ୍ଥାନୀୟ ଲୋକେ ଲାଲା ଅନନ୍ତ କୁମାର ସିଂହ ଗୋଟିଏ ଭକ୍ତ ଙ୍କ ମନି ପସ୍ ପାଇଁ ପୋଲିସ ଷ୍ଟସନରେ ଦେଇଥିଲେ ସେଥିରେ ଥିବା ଟଙ୍କା ୮୨୦ ଟଙ୍କା କୁ ପୋଲିସ ଗ୍ରହଣ କରି ଭକ୍ତଙ୍କୁ ଫେରାଇ ଥିଲେ ଯାହାକୁ ନେଇ ଲାଲା ଅନନ୍ତ ସିଂ ଏବଂ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ ପୋଲିସ କର୍ମଚାରୀ।ପୁରୀ ଜିଲ୍ଲାର ସେଂଟଜୋନ ଆମ୍ବୁଲାନ୍ସ ର ସହ ସମ୍ପାଦକ ମଧୁସୂଦନ ମିଶ୍ର ତତ୍ୱାବଧାନରେ ପୁରୀ ରୁ ୫ଜଣ ସେବା କାରିଯାଇଥିଲେ ପ୍ରୟାଗରାଜ। କମାଣ୍ଡର ଲାଲ ଅନନ୍ତ କୁମାର ସିଂହ ସହ ଯୋଗରେ ,ବିଗ୍ରେଡ ର ମେମ୍ବର ଅଜୟ କୁମାର ପ୍ରଧାନ,ଜି .ବାପି ,ବିକ୍ରମ ବେହେରା ,ରମାକାନ୍ତ ଜେନା, ଭୁବନେଶ୍ୱର ରୁ ଡିଭିଜନ କମାଣ୍ଡର ସନ୍ତୋଷ କୁମାର ଫଂଚୁଆତି,ବିଗ୍ରେଡ ମେମ୍ବର ସୂର୍ଯ୍ୟ ନାରାୟଣ ମହାରଣା,ପଦ୍ମନାଭ ମହାପାତ୍ର,ହିମାଂଶୁ ନାୟକ,ନିରୋଦ କୁମାର ଭୂୟାଁ, ତ୍ରିବେଣୀ ସଙ୍ଗମ ରେ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ।

## ମାଗଣା ଶ୍ରବଣଯନ୍ତ୍ର ପାଇଁ ସ୍କ୍ରିନିଂ କ୍ୟାମ୍ପ

ପୁରୀ,(ପି.ଏନ): ଓଡିଶାରେ ଶ୍ରବଣଶକ୍ତି ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ଫଳରେ କୁନି କୁନି ପିଲାଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷ ତାଙ୍କ ଜୀବନରେ ଅନେକ ବାଧାବିଘ୍ନ ସମ୍ମୁଖୀନ ହୋଇଥାନ୍ତି। ପୁରୀ ଜିଲ୍ଲାରେ ଶ୍ରବଣଶକ୍ତି ହରାଇଥବା ସଂଖ୍ୟା ୨୫୦୦ରୁ ଉର୍ଦ୍ଧ ଯାହା ଚିନ୍ତାଜନକ ହୋଇଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଇଁ।ସେପଟେ ଶ୍ରବଣଶକ୍ତି ହରାଇଇବା ବ୍ୟକ୍ତି ବିନା ଶ୍ରବଣ ଯନ୍ତରେ ଦୈନନ୍ଦିନ ଜ୍ୱୀନ ଅତିବାହିତ ବେଶ କଷ୍ଟ ହୋଇଥାଏ। ସେଥିପାଇଁ ବେସରକାରୀ ଭାବରେ ଅଂଟାଭିଡିଛି ସୂର୍ଯ୍ୟୋଦୟ ଫାଉଣ୍ଡେସନ। ସୂର୍ଯ୍ୟୋଦୟ ଫାଉଣ୍ଡେସନର ସଭାପତି ସୁପ୍ରସିଦ୍ଧ ଗାୟିକା ଅନୁରାଧା ପଡୱାଲ୍। ସେଥିପାଇଁ ମିଶନ ଓଡିଶା ପକ୍ଷରୁ ସ୍କ୍ରିନିଂ କ୍ୟାମ୍ପ କରାଯାଇଛି। କ୍ୟାମ୍ପରେ ଯୋଗଦାନ କରିଥିବା ଲୋକଙ୍କ କାନରେ ଦେଖାଯାଉଥିବା ସମସ୍ୟାର ପରସେନଟେଜେକୁ ନେଇ ଶ୍ରବଣ ଯନ୍ତ୍ର ବଂଟନ କରାଯିବଛ ଏହାକୁ ସାମାଜିକ କର୍ମୀ ସ୍ୱାଗତ କରିବା ସହ ଏହି ଶିବିରର ପ୍ରଥମ ଦିନରେ ଶତାଧିକ ବ୍ୟକ୍ତି ଯାହାଙ୍କର ଶ୍ରବଣ ସମସ୍ୟା ରହିଛି ଯୋଗଦାନ କରିଛନ୍ତି। ଏହି ଶିବିରରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲ୍ଲାଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାସ, ଏ ଡି ଏମ ଓ ପି ଏଚ ବିରଜା ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଭ୍ରାଂଶୁ ମହାରଣା, ପୁରୀ ପୌରସଂସ୍ଥାର ପୂର୍ବତନ ଚେୟାରମ୍ୟାନ ଗୌରହରି ପ୍ରଧାନ, ରେଡକ୍ରସର ଆଜୀବନ ସଦସ୍ୟ ଜୟନ୍ତୀ ମହାପାତ୍ର, ସାଗରିକା ରଥ, ଶୁଭେନ୍ଦୁ ସାମନ୍ତରାଏ, ସତ୍ୟ ନାରାୟଣ ସାହୁ, ଦେବରାଜ ଦାସ ବିଶୋଇ, ଦୀପକ କୁମାର ପାତ୍ର, ଗୋବିନ୍ଦ ପାତ୍ର, କେଦାରନାଥ ମହାପାତ୍ର, ବିଶ୍ୱନାଥ ଦାଶ, ଓ ଅନେକ ସାମାଜିକ କର୍ମୀ ଯୋଗଦାନ କରିଥିଲେ। ଇନଷ୍ଟିଚ୍ୟୁଟ ଅଫ ହେଲଥ ସାଇନସ୍ ର ସ୍ମୃତି ଦର୍ଶନା ମିଶ୍ର, ସିଗ୍ଧା ରାଣୀ ବେହେରା ଶ୍ରବଣଯନ୍ତ ର ସମସ୍ତ ଟେଷ୍ଟ କରାଇଥିଲେ। ସୂର୍ଯ୍ୟୋଦୟ ଫାଉଣ୍ଡେସନ ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଗାୟିକା ପଦ୍ମଶ୍ରୀ ଅନୁରାଧା ପଡୱାଲ ଘୋଷଣା କରିଛନ୍ତି କି ସୂର୍ଯ୍ୟୋଦୟ ଫାଉଣ୍ଡେସନ ମିଳିତ ଉଦ୍ୟମରେ ୱାଇଡେକ୍ସ ଇଣ୍ଡିଆ ଓ ଶିଭୋନ୍ତସ ଇଣ୍ଡିଆ ସହିତ ମିଶି ଓଡ଼ିଶା ରେ ବିଭିନ୍ନ ଅଂଚଳରେ ଶ୍ରବଣ ଶକ୍ତି ହରାଇଥିବା ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ମାଗଣା ରେ ଶ୍ରବଣ ଯନ୍ତ୍ର ଯୋଗାଇବା ସହିତ ଚିକିତ୍ସା ମଧ କରିବାକୁ ଯାଉଛି। ୱାଇଦେକ୍ସ ଇଣ୍ଡିଆ ଓ ସିଭୋ ନ୍ତୋସ ଇଣ୍ଡିଆ ବିଶ୍ୱରେ ସୁନାମ ଅର୍ଜନ କରିଥିବା ଶ୍ରବଣ ଯନ୍ତ୍ର ନିର୍ମାଣ କରୁଥିବା ଭାରତର ଏକ ବିଶ୍ୱସ୍ନୀୟ ଅନୁଷ୍ଠାନ।

## ଏଆଇଟିୟୁସି କାର୍ଯ୍ୟକର୍ତ୍ତା କର୍ମଶାଳା

ଜୟପୁର, (ପି.ଏନ): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଏଆଇଟିୟୁସି ଅନୁବନ୍ଧିତ ଶ୍ରମିକ ସଂଗଠନ ମାନଙ୍କ ର କାର୍ଯ୍ୟକର୍ତା ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା , କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ରୁ ଯୋଗ ଦେଇଥିବା କାର୍ଯ୍ୟକର୍ତାଙ୍କ ଏହି କର୍ମଶାଳାରେ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ସଭାପତିତ୍ୱରେ କରିଥିଲେ । ଏଆଇଟିୟୁସି ର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ଙ୍କୁ ଅବିଭାଜିତ କୋରାପୁଟ ଜିଲ୍ଲା ଏଆଇଟିୟୁସି ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ କାଗଜ କଳର ପୂର୍ବତନ ଶ୍ରମିକ ନେତା ଦିବଙ୍ଗତ ଦୁର୍ଯ୍ୟୋଧନ ମହାନ୍ତି ଓ ଇହଧାମ ତ୍ୟାଗ କରିଥିବା ଅନ୍ୟ ଶ୍ରମିକ ନେତା ଙ୍କ ସ୍ମୃତି ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ସମସ୍ତ କାର୍ଯ୍ୟକର୍ତା ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଭାରତ ବର୍ଷର ପ୍ରଥମ ଶ୍ରମିକ ସଂଗଠନ ଏଆଇଟିୟୁସି କୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମଜବୁତ୍ କରିବା ସହ ଶ୍ରମଜୀବୀ ଜନଗଣଙ୍କ ଦାବି କୁ ନେଇ ଗଣ ଆନ୍ଦୋଳନକୁ ମଜବୁତ୍ କରିବା । ଏହି କର୍ମଶାଳା କୁ ଉଦଘାଟନ କରି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା କହିଛନ୍ତି ଯେ ଦେଶରେ ମୋଦୀ ସରକାର ଆସିବା ପରଠାରୁ ଶ୍ରମିକ ମାନଙ୍କ ଅଧିକାର କ୍ଷୁର୍ଣ୍ଣ କରିବାରେ ଲାଗିଛନ୍ତି। ବିମୁଦ୍ରାୟନ , ଭୁଲ୍ ଜିଏସଟି ନିତୀ ଏବଂ କୋରୋନା ମହାମାରୀ ଯୋଗୁଁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କୁ କାମ ଧନ୍ଦା ମିଳିବା କମିଯାଇଥିବା ବେଳେ ଦରଦାମ୍ ନିୟନ୍ତ୍ରଣ କରିବାରେ ମୋଦୀ ସରକାର ବିଫଳ ହୋଇଛି। ଚଳିତ ବଜେଟରେ ଅନୁଦାନ ବଢ଼ିଲେ ଅଙ୍ଗନବାଡ଼ି,ଆଶା କର୍ମୀ , ପାଚିକା ମାନଙ୍କ ର ଦରମା ଭତା ବଢିବା ଆଶା କରାଯାଉଥିଲା କିନ୍ତୁ ବଜେଟ ନୈରାଶ୍ୟଜନକ ହୋଇଛି । କର୍ମ ନିଯୁକ୍ତି ସୃଷ୍ଟି ପାଇଁ କୌଣସି ଯୋଜନା ନାହିଁ । ବହୁତ ପ୍ରଚାର ଚାଲିଛି ଇନକମ ଟାକ୍ସ ସାତ ଲକ୍ଷ କୁ ବୃଦ୍ଧି କରାଗଲା କିନ୍ତୁ ସେତିକି ରୋଜଗାର ବହୁତ କମ୍ ଲୋକଙ୍କର ହେଉଥିବା ବେଳେ ଅଧିକାଂଶ ଲୋକ ଙ୍କ ଉପରେ ଟିକସ ବୋଝ ଲଦି ଦିଆଯାଉଛି । ବ୍ୟାଙ୍କ, ଏଲ୍ ଆଇ ସି, ପ୍ରତିରକ୍ଷା,ବନ୍ଦର ବିମାନନ କ୍ଷେତ୍ରକୁ ଘରୋଇ କରଣ କରି ଅମ୍ବାନୀ ଆଦାନୀ କୁ ଧନୀ କରିବାରେ ଲାଗିଛନ୍ତି । ଓଡ଼ିଶାରେ ସରକାର ଶିଳ୍ପାୟନର ବହୁଳ ପ୍ରଚାର କରୁଥିବା ବେଳେ ବନ୍ଦ ଥିବା କଳକାରଖାନା ଗୁଡିକ ଚଲେଇବା ପାଇଁ ପଦକ୍ଷେପ ନାହିଁ । ଜୟପୁର ର ଏକ ମାତ୍ର ବୃହତ ଶିଳ୍ପ ସେବା କାଗଜ କଳ ଅତି ସାଂଘାତିକ ଅବସ୍ଥାରେ ଅଛି। ଶ୍ରମିକ ମାନଙ୍କୁ ଅଧା ଦରମା ଦିଆଯାଉଛି, ଅବସରପ୍ରାପ୍ତ ଶ୍ରମିକ ମାନେ ପିଏଫ,ପେନସନ ବକେୟା ପାଉଣା ପାଉନାହାନ୍ତି, ଅତି ଆଶ୍ଚର୍ଯ୍ୟର କଥା ହେଲା ସବୁ କଥାକୁ ମ୍ୟାନେଜମେଂଟ ୫,୫୦୦ ଟନ୍ ଉତ୍ପାଦନ ସହ ଯୋଡୁଥିବା ବେଳେ ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲ ଆଣୁ ନାହିଁ। ଏ ସମ୍ପର୍କରେ ରାଜ୍ୟ ଏଆଇଟିୟୁସି ମୁଖ୍ୟ ଶାସନ ସଚିବ ଙ୍କ ପାଖରେ ଦାବି ଉପସ୍ଥାପନ କରିବ ଏବଂ ରାଜ୍ୟ ରେ ବନ୍ଦ ଥିବା ସମସ୍ତ କଳକାରଖାନା ଖୋଲିବା ପାଇଁ ଆନ୍ଦୋଳନ କରିବ । ଆଗାମୀ ଫେବୃଆରୀ ୧୧,୧୨ ରେ ହୀରାକୁଦ ଠାରେ ଏଆଇଟିୟୁସି ର ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନିଆଯିବ। ଆଜିର କର୍ମଶାଳାକୁ ସିପିଆଇ ନେତା ଶ୍ରୀ ରାମକୃଷ୍ଣ ଦାସ ଶୁଭେଚ୍ଛା ଜଣାଇଥିଲେ ଏବଂ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସଂଗଠନ ବିଷୟରେ ମତ ରଖିଥିଲେ । ଏକ ୧୯ ଜଣିଆ ଆଡହକ୍ କମିଟି ଗଠନ କରାଯାଇଛି ଏବଂ ଏହାର ଆବାହକ ପ୍ରମୋଦ କୁମାର ମହାନ୍ତି ରହିଛନ୍ତି । ବ୍ଲକ ସ୍ତରରୁ ସଂଗଠନ କାର୍ଯ୍ୟକ୍ରମ ବ୍ୟାପକ କରିବା ସହିତ ଆଗାମୀ ଦିନରେ ବିଧିବଦ୍ଧ ଜିଲ୍ଲା ସମ୍ମିଳନୀ କରିବା ପାଇଁ ଏହି କମିଟି କାମ କରିବ । ଆଜିର ସଭାରେ ଅଙ୍ଗନବାଡି , ଆଶା ,ପାଚିକା , ଜବ୍ କାର୍ଡ ଧାରୀ ଶ୍ରମିକ, କାଗଜ କଳ, ପିଏଚଡ଼ି, ନିର୍ମାଣ ଶ୍ରମିକ ଆଦି ସଂଗଠନର କାର୍ଯ୍ୟକର୍ତା ମାନେ ଯୋଗଦାନ କରିଥିଲେ । ଏହି ସଭାରେ ଶ୍ରୀ ଉତମ ମଲ୍ଲିକ, କଲ୍ୟାଣୀ ସାହୁ , ବଳରାମ କୁସଲିଆ , ଦୁର୍ଗା ପ୍ରସାଦ,ଶୀବାନୀ ଦୁର୍ଗା , ସୁକୁ ଜାନୀ , ତ୍ରୀପତି ମାଝୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक

Bhubaneswar Thursday February 09, 2023 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୦୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ଜେଏସଡବ୍ଲ୍ୟୁ ପକ୍ଷରୁ କ୍ରୀଡା ଉପକରଣ ପ୍ରଦାନ



ପାରାଦୀପ,(ପି.ଏନ): ପ୍ରସ୍ତାବିତ ଜେଏସଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପ୍ରକଳ୍ପ ଅଂଚଳ ସମେତ ପାରାଦୀପର ବିଭିନ୍ନ କ୍ରୀଡା ସଂଗଠନ ଗୁଡିକୁ କ୍ରୀଡା ଉପକରଣ ପ୍ରଦାନ କରାଯାଇଛି । ପ୍ରକଳ୍ପ ଅଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସର୍ବଦା ଗୁରୁତ୍ୱ ଦେଇଆସିଥିବା ଜେଏସଡବ୍ଲ୍ୟୁ ସଂସ୍ଥା କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ କରିବାକୁ ଆଗେଇ ଆସିଛି । ଶିକ୍ଷା,ସ୍ୱାସ୍ଥ୍ୟ,ବିଦ୍ୟୁତ,ଗମନାଗମନର ବିକାଶ, ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ସହିତ ଜେଏସଡବ୍ଲ୍ୟୁ କ୍ରୀଡାକୁ ମଧ୍ୟ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । କମ୍ପାନୀ ପକ୍ଷରୁ ପ୍ରକଳ୍ପ ଅଂଚଳର ବିଭିନ୍ନ କ୍ରୀଡା ସଙ୍ଗଠନକୁ କ୍ରୀଡା ଉପକରଣ,ଜର୍ସି ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପ୍ରକଳ୍ପ ଅଂଚଳ ସମେତ ପାରାଦୀପସ୍ଥିତ ମର୍ଣ୍ଣିଙ୍ଗ ଫୁଟବଲ୍ କ୍ଲବରେ ଖେଳୁଥିବା ଜୁନିୟର ପିଲାମାନଙ୍କୁ ଜର୍ସି ଓ ଫୁଟବଲ୍ ପ୍ରଦାନ କରାଯାଇଛି । ସେହିପରି ଜିଲ୍ଲା ପୋଲିସ୍ କଷ୍ଟେବଲ୍ ଓ ହାବିଲଦାର ସଂଘ କୁ ମଧ୍ୟ କ୍ରୀଡା ସାମଗ୍ରୀ ପ୍ରଦାନ କରାଯାଇଛି । ପାରାଦୀପ ଫୁଟବଲ୍ କ୍ଲବର ଉପଦେଷ୍ଟା ରବି ଦାସ,ପ୍ରଶିକ୍ଷକ ବିଭୁ ରଞ୍ଜନ ନାୟକଙ୍କ ସମେତ ପ୍ରକଳ୍ପ ଅଂଚଳର ବିଭିନ୍ନ କ୍ରୀଡା ସଙ୍ଗଠନ ପକ୍ଷରୁ ଜେଏସଡବ୍ଲ୍ୟୁର ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି । ପ୍ରକାଶଥାଉକି ବିଗତ ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଜେଏସଡବ୍ଲ୍ୟୁ ପୃଷ୍ଠପୋଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲା ।

# ପୂର୍ବତଟ ରେଳପଥ ମଧ୍ୟରେ ପିଆରଏସ ଡାଟା ଆଧାର ଭୁବନେଶ୍ୱରରୁ କାର୍ଯ୍ୟାରମ୍ଭ

ଭୁବନେଶ୍ୱର,(ପି.ଏନ): ପୂର୍ବ ତଟ ରେଳପଥ (ଋଉକ୍ଟଜ) ର ପାସେଞ୍ଜର ରିଜର୍ଭ ?ସନ୍ ସିଷ୍ଟମ୍ ବା ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ଚଜଝ) ଡାଟା ବେସ୍ ଆଜି (୮ ଫେବୃଆରୀ ୨୦୨୩) ଠାରୁ ଭୁବନେଶ୍ୱରରୁ କାର୍ଯ୍ୟ ଆରମ୍ଭ କରିଛି । ପୂର୍ବ ତଟ ରେଳପଥ ବର୍ତ୍ତମାନ ଏହାର ପରିସୀମା ମଧ୍ୟରୁ ଉତ୍ପନ୍ନ ହେଉଥିବା ଟ୍ରେନ୍ ଗୁଡିକ ପାଇଁ ସମସ୍ତ ପ୍ରକାର ଯାତ୍ରୀ ସଂରକ୍ଷଣ କାର୍ଯ୍ୟକଳାପ ପରିଚ୍ାଳନା ପାଇଁ ଆତ୍ମ ନିର୍ଭରଶୀଳ ଏବଂ ଅନ୍ୟ ରେଳ / କେନ୍ଦ୍ର ଗୁଡିକ ଉପରେ ନିର୍ଭର କରିବ ନାହିଁ ।ଏହା ମଧ୍ୟ ପୂର୍ବ ତଟ ରେଳପଥକୁ ଆତ୍ମନିର୍ଭରଶୀଳ କରିବ ଏବଂ ଟ୍ରେନର କାର୍ଯ୍ୟସୂଚ୍ୀରେ ପରିବର୍ତ୍ତନ ହେଉ କିମ୍ବା ନୂତନ ଟ୍ରେନର ପ୍ରାରମ୍ଭିକ ଚ୍ଳାଚ୍ଳ ପାଇଁ ସଂରକ୍ଷଣ କ୍ଷେତ୍ରରେ ପରିଚ୍ାଳନାଗତ କାର୍ଯ୍ୟକଳାପକୁ ନିଜେ ସୁରୁଖୁରୁରେ କାର୍ଯ୍ୟକାରୀ କରିପାରିବ ଏବଂ ପୂର୍ବର ଯୋଗାଯୋଗ ଜନିତ ସମସ୍ୟା ଗୁଡିକ ଠାରୁ ଭ୍ରାନ୍ତି ପାଇବ ।ଭୁବନେଶ୍ୱରରେ ୧ ଏପ୍ରିଲ ୨୦୦୩ ଠାରୁ ମୁଖ୍ୟାଳୟ ସହିତ ପୂର୍ବ ତଟ ରେଳପଥ ଗଠନ ହେବା ପରଠାରୁ ଏହାର ପରିସୀମା ମଧ୍ୟରୁ ଉତ୍ପନ୍ନ ସମସ୍ତ ଟ୍ରେନର ତଥ୍ୟ ସଂରଚ୍ନା କାର୍ଯ୍ୟକଳାପ କୋଲକାତାରେ ପୂର୍ବ ରେଳପଥ ଡାଟାବେସ୍ ସହିତ କାର୍ଯ୍ୟକାରୀ କରୁଥିଲା ।ପୂର୍ବ ରେଳପଥରୁ ପୂର୍ବ ତଟ ରେଳପଥକୁ ଡାଟାବେସର ବିକେନ୍ଦ୍ରୀକରଣର ଶକ୍ତି ପ୍ରଥମେ ରେଳ ବୋର୍ଡ ଦ୍ୱାରା ୨୦୧୪ ମସିହାରେ ପ୍ରଦାନ କରାଯାଇଥିଲା କିନ୍ତୁ ବୈଷୟିକ ସମସ୍ୟା ହେତୁ ଏହା ରୂପ ନେଇ ପାରିନଥିଲା । ପରେ ପୂର୍ବ ରେଳପଥରୁ ପିଆରଏସ ଡାଟାବେସର ବିକେନ୍ଦ୍ରୀକରଣ ପାଇଁ ରେଳ ବୋର୍ଡ ନୂତନ ଅନୁମୋଦନ ପ୍ରଦାନ କରିଛି ।ସେହି ଅନୁଯାୟୀ, ସମସ୍ତ ଟ୍ରେନ୍ ଗୁଡିକର ତଥ୍ୟ ସଂରଚ୍ନା କାର୍ଯ୍ୟକଳାପ ପରିଚ୍ାଳନା ପାଇଁ ତାଲିମପ୍ରାପ୍ତ କର୍ମଚ୍ାରୀଙ୍କ ସହ ଭୁବନେଶ୍ୱରର ରେଳ ସଦନ ଠାରେ ଥିବା ମୁଖ୍ୟାଳୟରେ ପୂର୍ବତଟ ରେଳପଥ ନିଜର ଡାଟାବେସ୍ ସେଣ୍ଟର ଆରମ୍ଭ କରିଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଭୁବନେଶ୍ୱର ଠାରେ ପିଆରଏସ ଡାଟାବେସ କାର୍ଯ୍ୟକାରୀ କରାଇବାରେ ନିୟୋଜିତ କର୍ମଚ୍ାରୀ ଓ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି




ଆନନ୍ଦପୁର,(ପି.ଏନ):ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ହେରଫେର ପ୍ରତିବାଦରେ ବିଜେପି ପକ୍ଷରୁ ଆନନ୍ଦପୁର ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା । ଆନନ୍ଦପୁର ବ୍ଲକରେ ବହୁ ଲୋକମାନଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଘର ନାମରେ ହିତାଧିକାରୀ ଅଗୋଚରରେ ବିଗତ ଦିନ ମାନଙ୍କରେ ଟଙ୍କା ଉଠାଇ ନେଇଥିବାର ପୋଲିସ ନିକଟରେ କେସ୍ ହୋଇଥିବା ନଜିର ରହିଛି । ଶାସକ ଦଳର ଧନୀ କର୍ମୀ ଓ ନେତାମାନେ ପରିବାର ପିଛା ୨/୩ଟି ପ୍ରଧାନମନ୍ତ୍ରୀ ଆବାସ ନେଇଥିବା ଅଭିଯୋଗ ମଧ୍ୟ ଅଛି । ଏହାର ପ୍ରତିବାଦରେ ବିଜେପି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ, ବିଜେପି ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାର ଓ ଆନନ୍ଦପୁର ବ୍ଲକ ପ୍ରଶାସନ ତୁରନ୍ତ ଗରିବ, ମାଟି ଛଣଛପର, କଚା ଘରେ ରହୁଥିବା ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଦାବି କରାଯାଇଥିଲା । ନହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମର ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନ ରନ ସାମନ୍ତ ସିଂହାର, ବରିଷ୍ଠ ବିଜେପି ନେତା ଭଗବାନ ସୁହ, ଶମ୍ଭୁନାଥ ରାଉତ, ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ଅସିମା ମିଶ୍ର, ସୁମତି ଯେନା, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ହେମନ୍ତ କୁମାର ମଲ୍ଲିକ, ବିଜେପି ଜିଲ୍ଲା ସମ୍ପାଦକ ଦୀପକ କୁମାର ଜେନା, ଅନାଦୀ ଚରଣ ସାହୁ, ଟିକିନା ମହାନ୍ତ, ହେମନ୍ତ କୁମାର ମହାନ୍ତ, ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ : ପାଣି ପଞ୍ଚାୟତ ଯୋଜନାକୁ ସଫଳ ଓ ଦୀର୍ଘସ୍ଥାୟୀ କରିବା ନିମନ୍ତେ ଶପଥ ନେଲେ ଚାଷୀ, ଅଧିକାରୀ ଓ କର୍ମଚାରୀ



କେନ୍ଦୁଝର,(ପି.ଏନ): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜ୍ୟରେ ତା-୦୧.୦୨.୨୦୨୩ରିଖ ଠାରୁ ତା-୧୫.୦୨.୨୦୨୩ରିଖ ପର୍ଯ୍ୟନ୍ତ ତ୍ରିସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ହେଉଥିବା ପରିପ୍ରେକ୍ଷୀରେ ଚଳିତ ଫେବୃଆରୀ ୮ ତାରିଖ ବୁଧବାର ଦିନ ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ ହୋଇଯାଇଛି । କ୍ଷୁଦ୍ର ଜଳସେଚନ ବିଭାଜନ, କେନ୍ଦୁଝର ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜି ଜିଲ୍ଲାସ୍ତରୀୟ ସମାରୋହରେ ଅନୁଷ୍ଠିତ ହୋଇଥିଲା । ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାୟକ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଛଳରେ ସୁବଣ୍ଟନ ମାଧ୍ୟମରେ ଚାଷୀର ଆୟକୁ ବହୁଗୁଣତ କରିବାକୁ ଆହ୍ୱାନ ଜଣାଇଥିଲେ । ପାଣି ପଂଚାୟତ ସରକାରଙ୍କ ଏକ ମହତ କାର୍ଯ୍ୟକ୍ରମ ବୋଲି କହିବା ସହିତ କୃଷକ ମାନଙ୍କ ଦ୍ୱାରା ଜଳର ସର୍ବାଧିକ ସଦୁପଯୋଗ କରିବା ସହ ବୈଜ୍ଞାନିକ ଓ ପଦ୍ଧତିଗତ ଉନ୍ନୟନ ଓ ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଚାଷୀ ମାନଙ୍କର ସହଯୋଗିତା ଓ ସହଭାଗିତା ପାଣି ପଂଚାୟତର ସଫଳତା ପାଇଁ ଏକାନ୍ତ ଆବଶ୍ୟକ । ପାଣି ପଂଚାୟତ ଜରିଆରେ ଉପର ମୁଣ୍ଡରୁ ତଳମୁଣ୍ଡ ପର୍ଯ୍ୟନ୍ତ ଚାଷ ଜମିରେ ଚାଷୀ କିପରି ପାଣି ପାଇପାରିବେ ସେଥିପାଇଁ କର୍ତ୍ତୃପକ୍ଷ ଓ ଚାଷୀ ଯତ୍ନବାନ ହେବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଥିଲେ । ଏହି ସମାରୋହରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ପାଣି ପଂଚାୟତର ସଫଳତା ପାଇଁ ସୁପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସୁପରିଚାଳନା ଓ ସୁବଣ୍ଟନ ଉପରେ ପାଣି ପଂଚାୟତର ସଫଳତା ନିର୍ଭର କରେ । ଏହା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରିବା ଏକାନ୍ତ ଆବଶ୍ୟକ । ପାଣି ପଂଚାୟତ କାର୍ଯ୍ୟଖ୍ରମରେ ଯେଉଁ ପ୍ରକଳ୍ପ ଗୁଡିକ ଅଚଳ ହୋଇ ଯାଇଛି ସେଗୁଡିକର ପୁନଃଉଦ୍ଧାର ସହିତ ଚାଷୀଙ୍କ ହିତରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ପାଣି ପଂଚାୟତର କାର୍ଯ୍ୟକାରିତା ଓ ଚାଷୀ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ନିୟମିତ ତଦାରଖ କରିବାକୁ ପାରାମର୍ଶ ଦେଇଥିଲେ । ଜିଲ୍ଲା ପରିଧଷ ଅଧ୍ୟକ୍ଷ ଶ୍ରୀମତୀ ଶାଗରିକା ସାହୁ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ, ନିରୀକ୍ଷତା ଏବଂ ଅନସନ୍ଧାନ ତଥା ଜଳ ପ୍ରଭାରୀ ଅବିନାଶ କୁମାର ସାହୁ, ବୈତରଣୀ ଅବବାହିକାର ମୁଖ୍ୟ ଯନ୍ତ୍ରୀ ତଥା ଅବବାହିକା ପ୍ରବନ୍ଧକ କୈଳାସ ଚନ୍ଦ୍ର ସାହୁ, ପୂର୍ବତନ କ୍ଷୁଦ୍ର ଜଳସେଚନ ମଣ୍ଡଳ କେନ୍ଦୁଝରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରମେଶ କୁମାର ସାବତ, କ୍ଷୁଦ୍ର ଜଳସେଚନ ବିଭାଗ କେନ୍ଦୁଝରର ଅଧିକ୍ଷଣ ଯନ୍ତ୍ରୀ ସୁଧାଂଶୁ ଶେଖର ସାହୁ, ବୈତରଣୀ ଡିଭିଜନ ଶାଳପଡାର ଅଧିକ୍ଷଣ ଯନ୍ତ୍ରୀ ପ୍ରଣବ କୁମାର ନାୟକ, ଉପନିର୍ଦ୍ଦେଶକ ଉଦ୍ୟାନ ଡାଃ ଜୟନ୍ତ କୁମାର ନାଏକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଦେଓ, କୃଷି ଅଧିକାରୀ ଘଟଗାଁ ମିହିର କୁମାର ସାହୁ, କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକ ଡ. ଏନ୍. ରାମୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃଷି ଓ କୃଷକର ଉନ୍ନତି ପାଇଁ ପାଣି ପଂଚାୟତ ରାଜ୍ୟ ସରକାରଙ୍କ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିବା ସହିତ ଚାଷୀର ଆୟକୁ ବହୁଗୁଣିତ କରିବାରେ ସହାୟକ ହେଉଛି ବୋଲି କହିଥିଲେ । ପାଣି ପଂଚାୟତକୁ ସୁଦୃଢ କରିବା ନିମନ୍ତେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଅବତାରଣା କରିଥିଲେ । ପାଣି ପଂଚାୟତ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ସହିତ ବିଭିନ୍ନ ବିଭାଗ ମାଧ୍ୟମରେ ସମନ୍ୱୟ ରକ୍ଷା କରି ଏହାକୁ କିପରି ଅଧିକ ଲୋକାଭିମୁଖୀ କରିହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଭବିଷ୍ୟତରେ ଜଳ ସଙ୍କଟରୁ ରକ୍ଷା ପାଇବା ପାଇଁ ଉଦ୍‌ବୃତ୍ତ ଜଳର ସଂରକ୍ଷଣ ଏବଂ ଚାଷ ପାଇଁ ସୁବିନିଯୋଗ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ପାଣି ପଂଚାୟତର ପୃଷ୍ଠଭୂମି, ଗଠନର ଲକ୍ଷ୍ୟ, ଯୋଗାଇ ଦିଆଯାଇଥିବା ସୁବିଧା, ପାଣି ପଂଚାୟତର ବିବିଧ କାର୍ଯ୍ୟକ୍ରମ, ବିଭିନ୍ନ କମିଟିର କାର୍ଯ୍ୟାବଳୀ, ସମାଜିକ ସମୀକ୍ଷା ଇତ୍ୟାଦି ପ୍ରସଙ୍ଗ ଉପରେ ଅବଗତ କରାଇଥିଲେ । ଏହି ଅବସରରେ ୫ ଜଣ ସଫଳ ଚାଷୀ ଯଥା- ଘଷିପୁରା ବ୍ଲକର ରତ୍ନାକର ଜେନା, ଶରତ ଚନ୍ଦ୍ର ଜେନା, ଘଟଗାଁ ବ୍ଲକର ବିମଳା ନାଏକ, ସାହାରପଡା ବ୍ଲକର ସରୋଜିନୀ ନାଏକ ଏବଂ ଚମ୍ପୁଆ ବ୍ଲକର ପ୍ରମୋଦ କୁମାର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ସମାରୋହରେ ଅଧିକାରୀ, କର୍ମଚାରୀ ଓ ଚାଷୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଂଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘସ୍ଥାୟୀ କରିବାକୁ ଆପ୍ରାଣ ଉଦ୍ୟମ କରିବାକୁ ଶପଥ ନେଇଥିଲେ । କ୍ଷୁଦ୍ର ଜଳସେଚନ ଡିଭିଜନ କେନ୍ଦୁଝରର ସେକ୍ସନ ଅଫିସର ସୁଶିଲ କୁମାର ସେଠୀ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ । ଏହି ସମାରୋହରେ ଜିଲ୍ଲାର ବିଭିନ୍ନ ପ୍ରକାର ପାଣି ପଂଚାୟତର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ଚାଷୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀରାମଚଣ୍ଡୀ ମଠ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପ ଅଠରବାଙ୍କୀ ନିକଟସ୍ଥ ତାରିଣୀ ଗଡାଠାରେ ଓଡିଶା ଦେବୋତ୍ତର ବିଭାଗ ଅଧୀନରେ ଥିବା ଶ୍ରୀ ରାମଚଣ୍ଡୀ ମଠର ମଠାଧିସ ବାବାଜୀ ଦାସରଥୀ ଦାସଙ୍କ ତତ୍ତ୍ୱାବଧାନରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପାରାଦୀପରେ ପ୍ରଥମ ଥର ପାଇଁ ଏକ ନିଆରା ସବୁଜିମା ମନ୍ଦିରର ପରିକଳ୍ପନା ନିଶ୍ଚିତ ଭାବେ ଓଡିଶାରେ ପ୍ରସିଦ୍ଧି ଲାଭ କରିବ ବୋଲି ଉପସ୍ଥିତ ଅତିଥିମାନେ ମନ୍ତବ୍ୟ ଦେଇଥିଲେ । ଆଗାମୀ ମହା ଶିବରାତ୍ରୀ ଦିନ ଶ୍ରୀଶ୍ରୀ ରାମେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ହେବ ବୋଲି ବାବାଜୀ ଦାସରଥୀ ଦାସ ସୂଚନା ଦେଇଛନ୍ତି । ପୂର୍ବ ଓଡିଶାର ଧର୍ମରକ୍ଷା ସେବା ପ୍ରମୂଖ ଉମେଶ ଦାସ, ବିଜୟଚନ୍ଦ୍ରପୁରର ସୁଶାନ୍ତ ସାମଲ,ପ୍ରଭାତ ସାମନ୍ତରାୟ,ପବିତ୍ର ଦାସ,ମଠର ଅନ୍ତେବାସୀ ସୀତାରାମ ବାବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସବୁଜ ବିପ୍ଳବ କାର୍ଯ୍ୟକ୍ରମରେ ପାରାଦୀପରେ ସାମାଜିକ ସେବା,ପରିବେଶ ସୁରକ୍ଷା,ଯୋଗ ସେବା,ନିଶାମୁକ୍ତ ସମାଜଗଠନ ନିମନ୍ତେ ପ୍ରୟାସ ଜାରି ରଖିଥିବା ଆଧାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ପରମ ଶିଷ୍ୟ ଯୋଗଗୁରୁ ତାପସ ରଞ୍ଜନ ପତି ଙ୍କ ପ୍ରତ୍ୟକ୍ଷ ଭାବେ ଏହି କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray